بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6

ସଂଖ୍ୟା 06

ସାପ୍ତାହିକ ବଦର

Weekly BADAR Qadian

କାଦିଆନ

Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

11 ଫେବୃୟାରୀ 2021 | 11 ତବ୍‌ଲିଗ୍ 1400 ହି.ଶ | 28 ଜମାଦିଲ୍ ସାନି 1442 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

مَا یَفۡعَلُ اللّٰہُ بِعَذَابِکُمۡ اِنۡ شَکَرۡتُمۡ وَاٰمَنۡتُمۡ ؕ وَکَانَ اللّٰہُ شَاکِرًا عَلِیۡمًا

(النساء:148)

ଅନୁବାଦ- ଯଦି ତୁମେମାନେ କୃତଜ୍ଞତା ଜ୍ଞାପନ କରିବ ଓ ବିଶ୍ୱାସ କରିବ ତେବେ କାହିଁକି ଅଲ୍ଲାଃ ତୁମମାନଙ୍କୁ ଶାସ୍ତି ପ୍ରଦାନ କରିବେ ? ଏବଂ ଅଲ୍ଲାଃ ଗୁଣଗ୍ରାହୀ (ଓ) ସର୍ବଜ୍ଞ ।।

*(ନିସା: ୧୪୮)*

## ଅହ୍‌ମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ଅଲ୍ଲାଃ ତାଲା ମତେ ଚାରି ପ୍ରକାରର ନିଦର୍ଶନ/ସଙ୍କେତ ପ୍ରଦାନ କରିଛନ୍ତି ଏବଂ ସେ ସବୁକୁ ମୁଁ ଏକାଧିକ ଥର ବହୁତ ଦୃଢ଼ତାର ସହିତ ଲେଖିଛି ଓ ପ୍ରକାଶ ମଧ୍ୟ କରିଛି ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ମୁଁ ଅନେକଥର ଏକଥା କହିସାରିଛି ଯେ ଅଲ୍ଲାଃ ତାଲା ମତେ ଚାରି ପ୍ରକାରର ନିଦର୍ଶନ/ସଙ୍କେତ ପ୍ରଦାନ କରିଛନ୍ତି ଏବଂ ସେ ସବୁକୁ ମୁଁ ଏକାଧିକ ଥର ବହୁତ ଦୃଢ଼ତାର ସହିତ ଲେଖିଛି ଓ ପ୍ରକାଶ ମଧ୍ୟ କରିଛି ।

ପ୍ରଥମଟି ହେଉଛି ଆରବୀ ଜ୍ଞାନର ଚିହ୍ନ ଏବଂ ଏହା ମତେ ସେବେଠାରୁ ମିଳିଛି ଯେବେଠାରୁ ମୁହମ୍ମଦ ହୁସେନ୍ (ବଟାଲୁଓ୍ୱି ସାହେବ୍) ଏହା ଲେଖିଥିଲେ ଯେ ଏ ଅଧମ ଆରବୀର ଗୋଟିଏ ମାତ୍ରା ମଧ୍ୟ ଜାଣିନାହିଁ ବୋଲି । ଯଦିଓ ଆମେ ଏହା ପୂର୍ବରୁ କେବେ ଏ ଦାବି କରିନଥିଲୁ ଯେ ଆମକୁ ଆରବୀର ମାତ୍ରା ଆସୁଛି ବୋଲି । ଯେଉଁ ଲୋକମାନେ ଆରବୀ ବନାନ୍ ଏବଂ ବ୍ୟାକରଣ ଜାଣିଛନ୍ତି ସେମାନେ ଏହାର ଜଟିଳତା ବୁଝିପାରୁଥିବେ ଏବଂ ଏହାର ବିଶେଷଗୁଣ ବିଷୟରେ ଅବଗତ ଥିବେ । ମୌଲବୀ ସାହେବ୍ (ଏଠାରେ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବଙ୍କ କଥା କୁହାଯାଇଅଛି) ଆରମ୍ଭରୁ ଦେଖି ଆସୁଛନ୍ତି ଯେ କିଭଳି ଅଲ୍ଲାଃ ତାଲା ମତେ ସମ୍ମାନର ସହ ସାହାଯ୍ୟ କରିଛନ୍ତି । ଯେତେବେଳେ ଶାସ୍ତ୍ରୀୟ ଭାଷାର ଶବ୍ଦ ଉପଯୁକ୍ତ ସମୟରେ ମିଳିନଥାଏ ସେତେବେଳେ ବହୁତ ଅସୁବିଧାର ସମ୍ମୁଖିନ ହେବାକୁ ପଡ଼ିଥାଏ । ଠିକ୍ ଏତିକି ବେଳେ ଅଲ୍ଲାଃ ତାଲା ସେହି ଶବ୍ଦକୁ ମନ ଭିତରେ ପ୍ରବର୍ତ୍ତାଇଥାନ୍ତି । ନୂତନ ଏବଂ କୃତ୍ରିମ ଭାଷା ସୃଷ୍ଟି କରିବା ସହଜ କିନ୍ତୁ ଶାସ୍ତ୍ରୀୟ ଭାଷା କଠିନ ଅଟେ । ପୁଣି ଆମେ ନିଜର ସେହି ଲେଖାଗୁଡ଼ିକୁ ପ୍ରକାଶ କରିଛୁ, ଯେଉଁଥିରେ ପୁରସ୍କାର ଦେବାକୁ ମଧ୍ୟ ଘୋଷଣା କରିଛୁ ଯେ ତୁମେମାନେ ଏହାର ମୁକାବିଲା କରିବାପାଇଁ ଯାହାଠାରୁ ଚାହଁ ସାହାଯ୍ୟ ନେଇପାର ଏପରି କି ମୂଳଭାଷାର ଲୋକମାନଙ୍କୁ ହିଁ ନେଇନିଅ । ଅଲ୍ଲାଃ ତାଲା ମତେ ଏହା ନିଶ୍ଚିତ କରାଇଛନ୍ତି ଯେ ସେମାନେ କଦାପି ଏହା କରିବାକୁ ସମର୍ଥ ହୋଇପାରିବେ ନାହିଁ । କାରଣ ଏ ଚିହ୍ନ ମତେ ପବିତ୍ର କୁର୍‌ଆନ୍‌ର ଚମତ୍କାରିତା ମଧ୍ୟରୁ ଛାୟା ସଦୃଶ ଦିଆଯାଇଅଛି ।

ଦ୍ୱିତୀୟତଃ: ପ୍ରାର୍ଥନା ଗ୍ରହଣୀୟ ହେବା । ମୁଁ ଆରବୀ ଭାଷାରେ ଲେଖୁଥିବା ବେଳେ ଏକଥା ଅନୁଭବ କରିଛି ଯେ କିପରି ବହୁଳ ଭାବରେ ମୋ ଦୁଆ (ପ୍ରାର୍ଥନା)ଗୁଡ଼ିକ ଗ୍ରହଣୀୟ ହୋଇଛି । ଗୋଟିଏ ଗୋଟିଏ ଶବ୍ଦରେ ଦୁଆ କରିଛି ଏବଂ ମୁଁ ଏଥିରେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ସମ୍ପୂର୍ଣ୍ଣରୂପେ ଅଲଗା ରଖୁଛି । (କାରଣ ତାହାଙ୍କ ଆଶିର୍ବାଦ ଓ ମାର୍ଗଦର୍ଶନରୁ ତ ଏହା ସବୁ କିଛି ମିଳିଛି) ତାଙ୍କ ବ୍ୟତିତ ମୁଁ ଏହା କହିପାରିବି ଯେ ମୋ ଦୁଆ (ପ୍ରାର୍ଥନାଗୁଡ଼ିକ) ଏତେମାତ୍ରାରେ କୁବୁଲ୍ (ଗ୍ରହଣୀୟ) ହୋଇଅଛି ଯେ ଏପରି କାହାର ହୋଇନଥିବ । ମୁଁ ଏହା କହିପାରୁନାହିଁ ଯେ ଦଶହଜାର ବା ଦୁଇଲକ୍ଷ ବା କେତେ ଏବଂ କେତେକ ନିଦର୍ଶନ ତ ଏପରି ଗ୍ରହଣୀୟ ହୋଇଛି ଯେ ଏକ ଜଗତ ତାହା ଜାଣିଛି ।

ତୃତୀୟତଃ:- ଭବିଷ୍ୟବାଣୀ ହେବାର ନିଦର୍ଶନ ଅର୍ଥାତ ଅଦୃଶ୍ୟ କଥାର ଅଭିବ୍ୟକ୍ତ । ଏପରି ତ ଜ୍ୟୋତିଷୀ ଓ ଭାଗ୍ୟରେଖା ଦେଖି କହୁଥିବା ଲୋକମାନେ ମଧ୍ୟ କଳ୍ପନା ଜଳ୍ପନା କରି କିଛି କଥା କହିଦେଇଥାନ୍ତି ଓ ସେମାନଙ୍କର କିଛି କଥା ଠିକ୍ ମଧ୍ୟ ହୋଇଯାଇଥାଏ । ଏ ବିଷୟରେ ଇତିହାସ ଆମକୁ ବତାଉଛି ଯେ ରସୁଲୁଲ୍ଲାଃ ସ:ଆ:ସଙ୍କ ଯୁଗରେ ମଧ୍ୟ ଯାଜକମାନେ ଥିଲେ ଯେଉଁମାନେ ଭବିଷ୍ୟର ଖବର ବତାଉଥିଲେ । ସୁତରାଂ "ସତିହ୍" ନାମକ ଜଣେ ଯାଜକ ମଧ୍ୟ ଥିଲା । କିନ୍ତୁ ସେହି କଳ୍ପନା ଜଳ୍ପନା କରୁଥିବା ନାହକ ଓ ଜ୍ୟୋତିଷୀମାନଙ୍କର ଭବିଷ୍ୟବାଣୀ ମଧ୍ୟରେ ଓ ଅଲ୍ଲାଃଙ୍କ ତରଫରୁ ନିୟୋଜିତ ହୋଇଥିବା ବ୍ୟକ୍ତି, ମୁଲହମ୍ (ଯାହାଙ୍କ ଉପରେ ସ୍ୱର୍ଗବାଣୀ ହୋଇଥାଏ)ଙ୍କ ଭବିଷ୍ୟବାଣୀ ମଧ୍ୟରେ ଏ ପ୍ରଭେଦ ରହିଛି ଯେ ମୁଲ୍‌ହମ୍‌ଙ୍କ ଭବିଷ୍ୟବାଣୀ ନିଜ ମଧ୍ୟରେ ଐଶ୍ୱରୀୟ ଶକ୍ତି ଓ ଐଶ୍ୱରୀୟ ଅଦ୍ଭୁତତା ରଖିଥାଏ । ଅତଏବ ପବିତ୍ର କୁର୍‌ଆନ୍ ସ୍ପଷ୍ଟ ଭାବରେ ଏହା ବର୍ଣ୍ଣନା କରିଛି ଯେ **ଫଲା ୟୁଜ୍‌ହିରୁ ଅଲା ଗଇବିହି ଅହ୍‌ଦନ୍ ଇଲ୍ଲା ମନିର୍ ତଜା ମିର୍ ରସୁଲ୍ ।** (ଅଲଜିନ୍ନ:୨୭,୨୮) ଅର୍ଥାତ:- ସେ (ଅଲ୍ଲାଃ) ନିଜ ଗୁପ୍ତଜ୍ଞାନକୁ କାହାରି ନିକଟରେ ପ୍ରକାଶ କରନ୍ତିନାହିଁ । (ଅବଶ୍ୟ) ଏପରି ରସୁଲଙ୍କ ବ୍ୟତିତ ସେ ଯାହାଙ୍କୁ ଏହି କାର୍ଯ୍ୟ ସକାଶେ ପସନ୍ଦ କରନ୍ତି । (ଉକ୍ତ ଆରବୀ ବାକ୍ୟରେ) ଥିବା ଇଜ୍‌ହାର୍ ଶବ୍ଦଟି (ଅର୍ଥାତ ପ୍ରକାଶ ଶବ୍ଦଟି) ହିଁ ଏହା ସୁଚାଇ ଦେଉଅଛି ଯେ ତାହା ମଧ୍ୟରେ ଏକ ଗୌରବ ଓ ଶକ୍ତି ନିହିତ ରହିଛି ।

ଚତୁର୍ଥ ନିଦର୍ଶନ ହେଉଛି ପବିତ୍ର କୁର୍‌ଆନ୍‌ର ସୂକ୍ଷ୍ମତା ଏବଂ ଅନ୍ତର୍ନିହିତ ଜ୍ଞାନ ସହିତ ଜଡ଼ିତ । କାରଣ ପବିତ୍ର କୁର୍‌ଆନ୍‌ର ଅନ୍ତର୍ନିହିତ ଜ୍ଞାନ କେବଳ ତାହା ଉପରେ ପ୍ରକାଶ କରାଯାଏ ଯାହାର ଅନ୍ତଃ ଶୁଦ୍ଧ ହୋଇଥାଏ ଅନ୍ୟଥା ଆଉ କାହା ଉପରେ ହୁଏନାହିଁ । **ଲା ୟମସ୍‌ସହୁ ଇଲ୍ଲଲ୍ ମୁତହ୍‌ହରୁନ୍** (ଅଲ୍‌ଓ୍ୱାକେଆ :୮୦) ଅର୍ଥାତ:- ପବିତ୍ର ବ୍ୟକ୍ତିମାନଙ୍କ ବ୍ୟତୀତ ଅନ୍ୟ କେହି ଏହାର ସତ୍ୟତାକୁ ଉପଲବ୍ଧି କରିପାରନ୍ତି ନାହିଁ । ମୁଁ ଅନେକଥର ଏହା କହିସାରିଛି ଯେ ମୋ ବିରୋଧିମାନେ ମଧ୍ୟ ଗୋଟିଏ ସୁରଃର ତଫ୍‌ସିର୍ (ବ୍ୟାଖ୍ୟା) କରନ୍ତୁ ଓ ମୁଁ ମଧ୍ୟ ତଫ୍‌ସୀର୍ କରୁଛି । ତା'ପରେ ପୁଣି ଏହାର ମୁକାବିଲା କରାଯାଉ । କିନ୍ତୁ ଜଣେ ହେଲେ ବି ବି ସାହାସ କଲେନାହିଁ । ମୁହମ୍ମଦ୍ ହୁସୈନ୍ ଇତ୍ୟାଦି ଲୋକମାନେ ଏକଥା ତ କହିଦେଲେ ଯେ ଆକୁ ଆରବୀର ମାତ୍ରା ଆସୁନାହିଁ କିନ୍ତୁ ଯେତେବେଳେ ପୁସ୍ତକ ଲେଖି ଉପସ୍ଥାପନ କରାଗଲା ସେତେବେଳେ ହୀନ ଓ ନୀଚ ବାହାନା କରି କଥାକୁ ଟାଳି ଦେଲେ ଯେ ଏହି ଆରବୀ ତ ଅରଓ୍ୱି କଚାଲୁ ଅଟେ । କିନ୍ତୁ ଏହା ହୋଇପାରିଲା ନାହିଁ ଯେ ଗୋଟିଏ ପୃଷ୍ଠା ମଧ୍ୟ ଲେଖି ଉପସ୍ଥାପନ କରି ଏହା ଦେଖାଇ ଦେଇଥାନ୍ତେ ଯେ ଏହା ହେଉଛି ଆରବୀ ।

ଅତଏବ ଏହି ଚାରିଗୋଟି ଚିହ୍ନ / ନିଦର୍ଶନ ବିଶେଷରୂପେ ମୋ ସତ୍ୟତା ନିମନ୍ତେ ମତେ ପ୍ରାପ୍ତ ହୋଇଅଛି ।

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୨୫୨ ପ୍ରକାଶନ୨୦୧୮ କାଦିୟାନ)***

**ଖାଲି କର୍ମ କିଛି ନୁହେଁ ଯେ ପର୍ଯ୍ୟନ୍ତ ତା ସହିତ ମନର ସଂସ୍କାର ନ ହୋଇଛି ।**

**କର୍ମ ସହିତ ହୃଦୟର ପବିତ୍ରତା ମଧ୍ୟ ଜରୁରୀ ଅଟେ ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ସୁରଃ ୟୁନୁସ୍ ଆୟତ ନଂ୧୦: **ଇନ୍ନଲ୍ଲଜିନା ଆମନୁ ୱ ଅମିଲୁସ୍ ସ୍ୱାଲିହାତି ୟହ୍‌ଦିହିମ୍ ରବ୍‌ବୁହୁମ୍ ବିଇମାନିହିମ୍** ର ତଫ୍‌ସୀର କରି କହିଛନ୍ତି:-

ଏହି ଆୟତରେ ଅଲ୍ଲାଃ ତାଲା ବତାଇଛନ୍ତି ଯେ- ଅସଲ ହିଦାୟତ୍ (ମାର୍ଗଦର୍ଶନ) ଇମାନ୍ ଯୋଗୁଁ ହିଁ ମିଳିଥାଏ । ଖାଲି କର୍ମ କିଛି ନୁହେଁ ଯେ ପର୍ଯ୍ୟନ୍ତ ତା ସହିତ ମନର ସଂସ୍କାର ନ ହୋଇଛି । ଜଣେ ବ୍ୟକ୍ତି ଚୋରି କରିବାପାଇଁ ଇଚ୍ଛୁକ ଥିବ କିନ୍ତୁ ତାକୁ ଚୋରି କରିବାର ଅବସର ମିଳୁନଥିବ ତା'ହେଲେ ସେ ସଚ୍ଚୋଟ (ଦିଆନତ୍‌ଦାର୍) ବୋଲାଇ ପାରିବ ନାହିଁ । ସେହିଭଳି

## ନବୀ ସ:ଆ:ସଙ୍କ ବାଣୀ

**ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଯେତେବେଳେ ସିଜ୍‌ଦାଃ ଆୟତ ନିକଟରେ ପହଂଚୁଥିଲେ ସିଜ୍‌ଦାଃ କରୁଥିଲେ ଏବଂ ସାହାବାମାନେ ମଧ୍ୟ ଆପଣ ସ:ଆ:ସଙ୍କ ସହିତ ସିଜ୍‌ଦାଃ କରୁଥିଲେ**

(୧୦୭୫) ହଜ୍‌ରତ୍ ଇବ୍‌ନେ ଉମର୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ ସ:ଆ:ସ ଆମକୁ ସେହି ସୁରଃ ପଢ଼ି ଶୁଣାନ୍ତି ଯେଉଁଥିରେ ସିଜ୍‌ଦାଃ ଥାଏ । ଏପରି ସ୍ଥଳେ ମହାଭାଗ ସ:ଆ:ସ ମଧ୍ୟ ସିଜ୍‌ଦାଃ କରନ୍ତି ଓ ଆମେମାନେ ମଧ୍ୟ ସିଜ୍‌ଦାଃ କରୁ । ଏମିତି କି ଆମମାନଙ୍କୁ ନିଜ ମଥା ରଖିବା ପାଇଁ ସ୍ଥାନ ମିଳେନାହିଁ ।

(୧୦୭୩) ହଜ୍‌ରତ୍ ଜୈଦ୍ ବିନ୍ ସାବିତ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ସେ କହିଲେ: ମୁଁ ନବୀ ସ:ଆ:ସଙ୍କ ସମ୍ମୁଖରେ ସୁରଃ ନଜମ୍ ପଢ଼ିଲି । ମହାଭାଗ ସ:ଆ:ସ ସେଥିରେ ସିଜ୍‌ଦାଃ କଲେ ନାହିଁ ।

(୧୦୭୭) ହଜ୍‌ରତ୍ ଉମର୍ ର:ଅ ଯୁମା ଦିନ ମେମ୍ବର ଉପରେ ଚଢ଼ି ସୁରଃ ନହଲ୍ ପାଠ କଲେ । ଯେତେବେଳେ ସିଜ୍‌ଦାଃ ଆୟତ ନିକଟରେ ପହଂଚିଲେ, ମେମ୍ବରରୁ ଓହ୍ଲାଇ ସିଜ୍‌ଦାଃ କଲେ ଏବଂ ଲୋକମାନେ ମଧ୍ୟ ସିଜ୍‌ଦାଃ କଲେ । ଯେତେବେଳେ ତା'ପରେ ଯୁମା ଆସିଲା ସେତେବେଳେ ହଜ୍‌ରତ୍ ଉମର୍ ର:ଅ ସେହି ସୁରଃ ପାଠ କଲେ । ଯେତେବେଳେ ସିଜ୍‌ଦାଃ ଆୟତ ନିକଟରେ ପହଂଚିଲେ, କହିଲେ: ହେ ଲୋକମାନେ ! ଆମେ ସିଜ୍‌ଦାଃ ଆୟତରେ ପହଂଚିଲେ, ଯେଉଁମାନେ ସିଜ୍‌ଦାଃ କରୁଛନ୍ତି ସେମାନେ ଭଲକାମ କରୁଛନ୍ତି ଓ ଯିଏ ସିଜ୍‌ଦାଃ କରୁନାହିଁ ତା'ର କୌଣସି ପାପ ନାହିଁ । ସେଠାରେ ହଜ୍‌ରତ୍ ଉମର ର:ଅ ସିଜ୍‌ଦାଃ କଲେନାହିଁ । ନାଫେ ହଜ୍‌ରତ୍ ଉମର୍ ର:ଅଙ୍କଠାରୁ ଏହା ଶୁଣି ଆଉ ଟିକିଏ ଅଧିକ ବତାଇଛନ୍ତି ଯେ ଅଲ୍ଲାଃ ତାଲା ସିଜ୍‌ଦାଃ ତିଲାଓ୍ୱତ୍‌କୁ ଫର୍ଜ (ଧାର୍ଯ୍ୟ କର୍ତବ୍ୟ) କରିନାହାନ୍ତି । ହଁ ଯଦି ଆମେ ଚାହିଁବା (ତେବେ ସିଜ୍‌ଦାଃ କରିନେବା) ।

***(ସହି ବୁଖାରୀ, ଖଣ୍ଡ-୨, କିତାବ ସଜୁଦୁଲ୍ କୁର୍‌ଆନ୍, ମୁଦ୍ରଣ କାଦିଆନ୍ ୨୦୦୬)***

ହୃଦୟ ଯଦି ଗୈରୁଲ୍ଲାଃ (ଅର୍ଥାତ ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ କାହାକୁ) ଭୟ କରୁଥିବ କିନ୍ତୁ ବାହାରୁ ତାକୁ ସିଜ୍‌ଦାଃ କରୁନଥିବ, ତେବେ ଏପରି ବ୍ୟକ୍ତି ଏକେଶ୍ୱରବାଦୀ ବୋଲାଇ ପାରିବନାହିଁ । କେତେକ ଅଜ୍ଞ/ଅବୋଧ ଏକଥା ଭାବୁଛନ୍ତି ଯେ ଇସ୍‌ଲାମ୍ କର୍ମ ଉପରେ ଗୁରୁତ୍ୱ ଦେଉନାହିଁ ବୋଲି ବରଂ ଏହା କେବଳ ଇମାନ୍ (ବିଶ୍ୱାସ)କୁ ଉପସ୍ଥାପନ କରିଥାଏ । ଯେବେ କି ପ୍ରକୃତରେ ଏକଥା ଠିକ୍ ନୁହେଁ । ଇସ୍‌ଲାମ୍ ଯେଉଁ କଥା ଉପରେ ଗୁରୁତ୍ୱ ଦେଇଥାଏ ତାହା ହେଉଛି ଏହା କି କର୍ମ ସହିତ ହୃଦୟର ପବିତ୍ରତା ମଧ୍ୟ ଜରୁରୀ ଅଟେ । ଯଦି ହୃଦୟ ପବିତ୍ର ନାହିଁ ଓ ତାହା କର୍ମକୁ ସମର୍ଥନ କରୁନାହିଁ ତେବେ ଏପରି ଇମାନ୍ (ବିଶ୍ୱାସ) କୌଣସି ଲାଭ ପହଂଚାଇ ପାରିବ ନାହିଁ । ଏପରି କିଏ ଜ୍ଞାନୀ ଅଛି ଯିଏ ଏକଥାକୁ ଅସ୍ୱୀକାର କରିପାରିବ ଯେ ଅସଲ ପବିତ୍ରତା / ଶୁଦ୍ଧତା ହେଉଛି ହୃଦୟର ଓ ଭାବନାର ଶୁଦ୍ଧତା । ଯେବେ ହୃଦୟ ପବିତ୍ର ହୋଇଥାଏ ସେତେବେଳେ ଏହା ଅସମ୍ଭବ ନୁହେଁ କି କର୍ମ ତାହା ଅନୁସରଣ ନ କରିବ । ଏପରି ହୋଇପାରେ ଯେ ଜଣେ ମଣିଷ ଲୋକମାନଙ୍କ ଭୟ ଯୋଗୁଁ କର୍ମ କରିନେବ ଓ ରାଣ ଖାଇଦେବ କିନ୍ତୁ ଏହା ହୋଇ ନ ପାରେ ଯେ ମଣିଷ ଲୋକମାନଙ୍କ ଭୟ ଯୋଗୁଁ ନିଜର ମନୋଭାବକୁ ବଦଳାଇ ଦେବ । ମନ ଉପରେ ଅନ୍ୟ ଲୋକମାନଙ୍କର ନିୟନ୍ତ୍ରଣ ରହିନଥାଏ । ଶକ୍ତିଶାଳୀ ରାଜାମାନଙ୍କ କବ୍‌ଜାରୁ ମଧ୍ୟ ମନ ଉର୍ଦ୍ଧ୍ୱରେ । ଅତଏବ ଏପରି ଜିନିଷ ଉପରେ ଅଲ୍ଲାଃ ତାଲା ହିଦାୟତ୍‌ର ଆଧାର ରଖିଛି ଯାହା ସ୍ୱୟଂ ମଣିଷର ନିଜ ନିୟନ୍ତ୍ରଣରେ ରହିଛି ଓ ଅନ୍ୟ କାହାର ତା' ମନ ଉପରେ ନିୟନ୍ତ୍ରଣ ନାହିଁ ।

"ବିଇମାନିହିମ୍" କହି ଏକଥା ପ୍ରତି ସୂଚିତ କରିଛି ଯେ ପୁରସ୍କାର ବିଶ୍ୱାସ ଅନୁସାରେ ମିଳିବ । ଅର୍ଥାତ ଯଦି ବ୍ୟବହାରିକ କର୍ମରେ ଦୁଇଜଣ ସମାନ ଥିବେ କିନ୍ତୁ କର୍ମ ପଛରେ ଯେଉଁ ନିଷ୍ଠା ଓ ପ୍ରେମ ଥିବ ତାହା ଅନୁସାରେ ପୁରସ୍କାରରେ ଫରକ ପଡ଼ିବ । ଏହା ମଧ୍ୟ ଏକ ଚମତ୍କାର ବିଷୟ । ହଜ୍‌ରତ୍ ମୁହମ୍ମଦ ସ:ଆ:ସ କହିଲେ ଯେ ଅବୁବକରଙ୍କ ମନ ଭିତରେ ଯାହା କିଛି ଅଛି, ସେଥିଯୋଗୁଁ ସେ ତୁମମାନଙ୍କ ମଧ୍ୟରେ ଶ୍ରେଷ୍ଠ ବ୍ୟକ୍ତି ଅଟନ୍ତି । ଆମେ ଏହା ଦେଖିଥାଉଁ ଯେ ଜଣେ ଲୋକ ଅଧିକ ନମାଜ ପଢୁଛି ଓ ରୋଜା ମଧ୍ୟ ଅଧିକ ରଖୁଛି କିନ୍ତୁ ଅଲ୍ଲାଃ ତାଲାଙ୍କ କୃପା ଅନ୍ୟ ଜଣେ ଲାଭ କରୁଛି, ତାହାର କାରଣ ହେଉଛି ତା ମନର ଅବସ୍ଥା । ପ୍ରକୃତ ପବିତ୍ରତା ଓ ବାସ୍ତବିକ ନିଷ୍ଠା ଯାହା ମଧ୍ୟରେ ଅଧିକ ଥାଏ ତାହାର ଅଳ୍ପ କର୍ମ ଅଧିକ ଫଳପ୍ରଦ ହୋଇଥାଏ । ବାସ୍ତବିକ ସେହି ବ୍ୟକ୍ତିର ସମସ୍ତ କର୍ମ ହିଁ ଇବାଦତ୍ (ଉପାସନା) ହୋଇଯାଏ କାରଣ ତାହାର ସାଂସାରୀକ କର୍ମଗୁଡ଼ିକ ମଧ୍ୟ ଈଶ୍ୱରଙ୍କ ପାଇଁ ହୋଇଥାଏ ଏବଂ ମାନବଜାତି ପ୍ରତି ଥିବା ସହାନୁଭୂତି ତାହାର ପ୍ରତ୍ୟେକ କର୍ମର କାରଣ ହୋଇଥାଏ । ***(ତଫ୍‌ସୀର୍ କବୀର୍, ଖଣ୍ଡ-୩, ପୃ-୩୪.....୨୦୧୦)***

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ଅଲ୍ଲାଃ ତାଲା ପ୍ରଥମଥର ପାଇଁ ମୁସଲମାନମାନଙ୍କୁ ଯୁଦ୍ଧ କରିବାପାଇଁ ନିର୍ଦ୍ଦେଶ ଦେଲେ । ଅର୍ଥାତ ଏପରି ଲୋକମାନଙ୍କ ସହିତ ଯୁଦ୍ଧ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ ଯେଉଁମାନେ ଆକ୍ରମଣ କରିଥିଲେ ଏବଂ ସେ ବିଷୟରେ ବହୁତ ସ୍ପଷ୍ଟ କରିଦେଲେ । ପବିତ୍ର କୋରାନ୍‌ରେ ଏହାର ଉଲ୍ଲେଖ ରହିଛି ଯେ, ଯଦି ସେହି ଲୋକମାନଙ୍କ ହାତକୁ ଏବେ ରୋକି ନ ଦିଆଯାଏ ତେବେ ଏମାନେ କେବଳ ଇସ୍‌ଲାମ୍‌ର ଶତ୍ରୁ ନୁହନ୍ତି ବରଂ ଏମାନେ ହେଉଛନ୍ତି ଧର୍ମର ଶତ୍ରୁ । ପୁଣି ପବିତ୍ର କୋରାନ୍‌ରେ ଏକଥା ସ୍ପଷ୍ଟଭାବେ ଉଲ୍ଲେଖ ରହିଛି ଯେ, ଯଦି ସେହି ଲୋକମାନଙ୍କୁ ରୋକା ନ ଗଲା ତେବେ ନା କୌଣସି Synagouge ରହିବ ନା କୌଣସି ଚର୍ଚ୍ଚ ରହିବ ନା କୌଣସି ମନ୍ଦିର ରହିବ ଏବଂ ନା କୌଣସି ମସ୍‌ଜିଦ୍ ରହିବ । ଅର୍ଥାତ ଏହି ଗୋଟିଏ ନିର୍ଦ୍ଦେଶରେ ଯେଉଁଠି ଅବିଶ୍ୱାସକାରୀମାନଙ୍କ ସହିତ ଯୁଦ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ସେଠାରେ ଧର୍ମର ସୁରକ୍ଷା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ସମସ୍ତ ଧର୍ମର ନାମ ନେଇ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ଧର୍ମର ଉପସନା ପୀଠର ନାମ ନେଇ ଏ ନିର୍ଦ୍ଦେଶ ଦିଆଯାଇଛି ଯେ, ସେମାନଙ୍କର ହାତକୁ ରୋକିବାପାଇଁ ଜରୁରୀ ଅଟେ ଯେ, ଏବେ ସେମାନଙ୍କୁ ଉତର ଦିଆଯାଉ । ସେମାନଙ୍କ ଆକ୍ରମଣକୁ ରୋକିବାପାଇଁ ଜରୁରୀ ଅଟେ ଯେ, ସେମାନଙ୍କୁ ଏହାର ଉତର ଦିଆଯାଉ । ଯଦ୍ୱାରା ପ୍ରତ୍ୟେକ ଧର୍ମ ସ୍ୱାଧିନ ଭାବେ ନିଜ ନିଜର ଉପାସନା ପୀଠକୁ ଯାଇ ପାରିବେ । ଇହୁଦୀମାନେ ସାଇନାଗଜ୍ ଯାଇପାରିବେ ଏବଂ ଉପାସନା କରିପାରିବେ , ଇସାଇ ମାନେ ଚର୍ଚ୍ଚ ଯାଇ ପାରିବେ ଏବଂ ନିଜ ଶୈଳୀରେ ଉପାସନା କରିପାରିବେ । ହିନ୍ଦୁ ବା ଅନ୍ୟ ଧର୍ମାଲମ୍ବୀମାନେ ନିଜ ନିଜର ମନ୍ଦିରକୁ ଯାଇପାରିବେ ଏବଂ ମୁସଲମାନମାନେ ମଧ୍ୟ ନିଜ ମସ୍‌ଜିଦ୍‌କୁ ଯାଇପାରିବେ । ତେବେ ଏହା ହେଉଛି ସେହି ପ୍ରଥମ ନିର୍ଦ୍ଦେଶ ଯାହା ଅବିଶ୍ୱାସକାରୀମାନଙ୍କ ସହିତ ଯୁଦ୍ଧ କରିବା ଦ୍ୱାରା ମୁସଲମାନମାନଙ୍କୁ ମିଳିଲା ଏବଂ ଏଭଳି ସ୍ପଷ୍ଟଭାବେ ମିଳିଲା ଯେ, ତୁମେ ଏବେ ସମଗ୍ର ଧର୍ମକୁ ସୁରକ୍ଷା ଦେବ । ତେଣୁ ପବିତ୍ର କୋରାନ୍‌ର ଶିକ୍ଷା ମୁତାବକ ଏହା ଅତ୍ୟନ୍ତ ସ୍ପଷ୍ଟ ଯେ, ଇସ୍‌ଲାମ୍ କୌଣସି ଧର୍ମର ମଧ୍ୟ ଖିଲାଫ଼ କୌଣସି ପ୍ରକାରର କାରବାହି କରିବାପାଇଁ ନିର୍ଦ୍ଦେଶ ଦିଏନାହିଁ । ତେଣୁ କେତେକ ଯୁଦ୍ଧ ଯେତେବେଳେ ମୁସଲମାନମାନଙ୍କ ଉପରେ ଜୋର୍ ଜବରଦସ୍ତି ଲଦି ଦିଆଗଲା ସେମାନଙ୍କ ସହିତ ଯୁଦ୍ଧ କରାଗଲା । ସେଠାରେ ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସ ଓ ତାଙ୍କର ଯେଉଁ ଚାରିଜଣ ବାସ୍ତବିକ ଖଲିଫା ଥିଲେ ସେମାନେ ସେନାମାନଙ୍କୁ ଏହି ନିର୍ଦ୍ଦେଶ ଦେଉଥିଲେ ଯେ, କୌଣସି ଚର୍ଚ୍ଚକୁ ଭାଙ୍ଗିବନାହିଁ, କୌଣସି ଉପାସନା ପୀଠକୁ ଭାଙ୍ଗିଦେବନାହିଁ କୌଣସି ମହିଳାକୁ କ୍ଷତି ପହଂଚାଇବ ନାହିଁ ଏବଂ କୌଣସି ପିଲାଙ୍କୁ କ୍ଷତି ପହଂଚାଇବ ନାହିଁ । ବରଂ ଚର୍ଚ୍ଚର ଯେଉଁ ପାଦ୍ରୀମାନେ ଅଛନ୍ତି ଏବଂ ଅନ୍ୟାନ୍ୟ ଯାଜକମାନେ ଅଛନ୍ତି, ସେମାନଙ୍କୁ କିଛି କହିବନାହିଁ । ସେହିପରି କୌଣସି ପ୍ରକାରର ଗଛକୁ କାଟିବନାହିଁ ଏବଂ କୌଣସି ଫସଲକୁ କ୍ଷତି କରିବନାହିଁ । ତେବେ ଏହା ଥିଲା ସେ ସମୟ ନିର୍ଦ୍ଦେଶ ଯାହା ଉପରେ ସେ ସମୟର ମୁସଲମାନମାନେ ପରିଚାଳିତ ମଧ୍ୟ ହେଲେ । ପରେ ଯଦିଚ ପରିସ୍ଥିତି ବିଗିଡ଼ି ଗଲା ଓ ମୁସଲମାନମାନେ ନିଜେ ନିଜର ଶିକ୍ଷାକୁ ଭୁଲିଗଲେ ତେବେ ଏହି ଶିକ୍ଷାର କୌଣସି ଭୁଲ୍ ନାହିଁ ଏହା ତ ମୁସଲମାନମାନଙ୍କ କର୍ମର ଭୁଲ୍ । ତେଣୁ ଗୋଟିଏ ପାଶ୍ଚାତ୍ୟ ଲେଖକ ତା'ର ଗୋଟିଏ ପୁସ୍ତକରେ ଏକଥାକୁ ସ୍ପଷ୍ଟ କରିଦେଇଛନ୍ତି । ପରେ ଯଦି ପରିସ୍ଥିତି ଖରାପ ହୋଇଛି ଓ ମୁସଲ୍‌ମାନମାନେ ନିଜର ଶିକ୍ଷାକୁ ଭୁଲିଯାଇଛନ୍ତି ତେବେ ତାହା ଏହି ଶିକ୍ଷାର ଭୂଲନାହିଁ ବରଂ ତାହା ହେଉଛି ମୁସଲମାନମାନଙ୍କ କର୍ମର ଭୂଲ୍ । ସେଥିଯୋଗୁଁ ଜଣେ ପାଶ୍ଚାତ୍ୟ ଲେଖକ ଏ ବିଷୟକୁ ବହୁତ ସ୍ପଷ୍ଟ ଭାବେ ଦର୍ଶାଇଛନ୍ତି । ଆମେରିକାର Author ଲେଖୁଛନ୍ତି ଯେ: ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ସମୟରେ ଯୁଦ୍ଧରେ ଯେତେ ଲୋକ ମରିଛନ୍ତି ସେମାନଙ୍କର ସଂଖ୍ୟା ତ ମାତ୍ର କିଛି ଶହରେ ସୀମିତ ବା ବେଶିରୁ ବେଶି କିଛି ହଜାର ହେବ କିନ୍ତୁ ଆମେମାନେ ଯେଉଁ ଦୁଇଟି ଯୁଦ୍ଧ ଲଢ଼ିଲେ ଅର୍ଥାତ ପ୍ରଥମ ବିଶ୍ୱଯୁଦ୍ଧ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ । ସେଥିରେ । ଏବଂ ବିଶେଷ ଭାବେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଗୋଟିଏ ବୋମା ଦ୍ୱାରା ଲକ୍ଷାଧିକ ଲୋକ ମରିଗଲେ । ତେଣୁ ଏହି ଦୋଷ କେବଳ ମୁସଲମାନମାନଙ୍କ ଉପରେ ଲଦି ଦିଅନାହିଁ ବରଂ ପରେ ଯେଉଁ ଯୁଦ୍ଧ କରାଯାଇଅଛି ତାହା ମୁସଲମାନମାନେ ନିଜ ଧର୍ମକୁ ପ୍ରସାର କରିବାପାଇଁ ଲଢ଼ିନାହାନ୍ତି ବରଂ ସେତେବେଳେ ସାଂସାରୀକ ଲୋଭ ସେମାନଙ୍କର ଆଖି ଆଗରେ ଥିଲା ଯାହାକୁ ଜିଓ ପଲିଟିକାଲ୍ ଯୁଦ୍ଧ କୁହାଯାଏ । ଅର୍ଥାତ ନିଜର ଉଦ୍ଦେଶ୍ୟ ସାଧନ ପାଇଁ ଯୁଦ୍ଧ କରାଯାଇଥିଲା ।

ହଜୁର ଅନୱର ଅ:ବ:ଅ କହିଲେ: ଇସ୍‌ଲାମ୍ କଦାପି ଏକ ଉଗ୍ରବାଦୀ ଧର୍ମ ନୁହେଁ । ଇସ୍‌ଲାମ୍ ତ ପ୍ରତ୍ୟେକ ଧର୍ମର ଅନୁଯାୟୀମାନଙ୍କୁ ସେମାନଙ୍କ ଅଧିକାର ଦେଇଥାଏ । ଇସ୍‌ଲାମ୍‌ରେ ପଡ଼ୋଶୀମାନଙ୍କ ଅଧିକାର ଦେବାପାଇଁ ଆଦେଶ ରହିଛି । ଏଠାରେ ରହୁଥିବା ଲୋକମାନେ ବୋଧ ହୁଏ ଏକଥା ଭାବୁଥିବେ ଯେ ଏବେ ଏଠାରେ ମସ୍‌ଜିଦ୍ ନିର୍ମାଣ ହୋଇଛି ତେଣୁ ମୁସଲମାନମାନେ ଆସିବେ, ଏଠାରେ ଉପାସନା କରିବେ ଏବଂ କିଛି ମୁସଲମାନମାନଙ୍କର କର୍ମ/କାର୍ଯ୍ୟ ଏପରି ହୋଇଥାଏ ଯେ ସେଥିଯୋଗୁଁ ଆମକୁ ଏଠି ବିପଦ ହୋଇପାରେ । କିନ୍ତୁ ଇସ୍‌ଲାମ୍‌ର ଶିକ୍ଷା ଏକଥା ବତାଉଛି ଯେ ନିଜ ପଡ଼ୋଶୀମାନଙ୍କର ଏତେମାତ୍ରାରେ ଧ୍ୟାନ ରଖ ଯେ ଯେମିତି ତୁମେ ନିଜ ଆତ୍ମିୟ ଲୋକମାନଙ୍କର ଧ୍ୟାନ ରଖୁଅଛ । ପୁଣି ପବିତ୍ର କୁର୍‌ଆନ୍‌ରେ ପଡ଼ୋଶୀର ଯେଉଁ ସଂଜ୍ଞା ନିରୂପଣ କରାଯାଇଅଛି ତାହା ହେଉଛି ଏପରି କି ତୁମ ସହିତ ଘରେ ରହୁଥିବା ଲୋକେ, ତୁମ ସହିତ ଯାତ୍ରା କରୁଥିବା ଲୋକେ, ତୁମ ସହିତ କାମ କରୁଥିବା ଲୋକେ ଏବଂ ତୁମ ଇଲାକାରେ ବସବାସ କରୁଥିବା ଲୋକମାନେ ତୁମର ପଡ଼ୋଶୀ ଅଟନ୍ତି । ପୁଣି ଏହାର ବ୍ୟାଖ୍ୟା ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ଏପରି କରିଛନ୍ତି ଯେ ୪୦ ଘର ଯାଏଁ ଲୋକମାନେ ତୁମର ପଡ଼ୋଶୀ ଅଟନ୍ତି । ତେଣୁ ଯଦି ଏ ଦୃଷ୍ଟିରୁ ଦେଖବା ତେବେ ମୁସଲମାନ ଯେଉଁଠି ମଧ୍ୟ ରହୁଛନ୍ତି । ବିଶେଷରୂପେ ଅହେମଦୀ ମୁସଲମାନ ଯେଉଁଠି ବି ରହୁଛନ୍ତି, ସେମାନଙ୍କ ଆଖପାଖର ୪୦ ଟି ଘରର ଲୋକେ ସେମାନଙ୍କର ପଡ଼ୋଶୀ ଅଟନ୍ତି । ତେଣୁ ଏହି ମସ୍‌ଜିଦ୍‌ର ଚତୁଃପାର୍ଶ୍ୱରେ ରହୁଥିବା ସମସ୍ତ ଲୋକେ ହେଉଛନ୍ତି ପଡ଼ୋଶୀ ଏବଂ ପଡ଼ୋଶୀମାନଙ୍କର ହକ୍ (ଅଧିକାର) ହେଉଛି ଏହାକି ହଜ୍‌ରତ୍ ମୁହମ୍ମଦ ସ:ଆ:ସ କହିଛନ୍ତି ଯେ ''ମତେ ଏତେ ଜୋର ଦେଇ ପଡ଼ୋଶୀମାନଙ୍କ ହକ୍ ସମ୍ବନ୍ଧରେ ନିର୍ଦ୍ଦେଶ ଦିଆଯାଇଅଛି ଯେ ମୁଁ ଏହା ଭାବିନେଲି କି ବୋଧ ହୁଏ ୱରାସତ୍ (ଅର୍ଥାତ ସମ୍ପତିଭାଗ)ରେ ମଧ୍ୟ ପଡ଼ୋଶୀମାନଙ୍କୁ ହକ୍ ଦିଆଯିବ । ଅତଏବ୍ ଏହା ହେଉଛି ଇସ୍‌ଲାମ୍‌ର ବୁନିଆଦି ଶିକ୍ଷା ଓ ଏହା ହେଉଛି ପଡ଼ୋଶୀମାନଙ୍କର ଅଧିକା ।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ଯେଉଁ ସବୁ ବସ୍ତୁଗୁଡ଼ିକ ଅଲ୍ଲାଃଙ୍କ ପାଇଁ ଖର୍ଚ୍ଚ କରାଯାଏ ତାହା ବ୍ୟର୍ଥ ହୁଏ ନାହିଁ ବରଂ ଏହା ଏପରି ଏକ କରଜ ଯାହାକୁ ଅଲ୍ଲାଃ ତାଲା ବହୁଗୁଣା ବଢ଼ାଇ ଫେରସ୍ତ କରିଥାନ୍ତି ।

ୱକ୍‌ଫେ ଜଦିଦ୍‌ର ତେଷଠିତମ ବର୍ଷରେ ବିଶ୍ୱବ୍ୟାପୀ ଯମାତ୍ ଅହେମଦୀୟା ତରଫରୁ ଏକ କୋଟି ପାଂଚଲକ୍ଷ ତିରିଶି ହଜାର ପାଉଣ୍ଡ ଅର୍ଥରାଶିର ଅନୁପମ ଭେଂଟ ।

ଅଲ୍ଲାଃ ତାଲାଙ୍କ ଦୀନ୍ (ଧର୍ମ)ର ପ୍ରଚାର ପ୍ରସାର ପାଇଁ ଲୋକମାନଙ୍କର ସେବାପାଇଁ ଆର୍ଥିକ ବଳିଦାନ କରିବା ମଧ୍ୟ ଏକ ବହୁତ ବଡ଼ ପୂଣ୍ୟ ଏବଂ ସର୍ବଶକ୍ତିମାନ ଅଲ୍ଲାଃ ତାହାର ପୁରସ୍କାର ବିନା କେବେ ବି ଛାଡ଼ନ୍ତି ନାହିଁ ।

ପ୍ରତ୍ୟେକ ଶ୍ରେଣୀର ଅହେମଦୀମାନଙ୍କର ଏହା ବ୍ୟକ୍ତିଗତ ଅଭିଜ୍ଞତା ରହିଛି ଯେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ, ଅଲ୍ଲାଃଙ୍କ ପ୍ରସନ୍ନତା ପ୍ରାପ୍ତ କରିବାପାଇଁ ତାହାଙ୍କ ମାର୍ଗରେ ଖର୍ଚ୍ଚ କରିବା ଯେଉଁଠି ଆତ୍ମସନ୍ତୋଷ ଲାଭ ହୋଇଥାଏ ସେଠି ସାଂସାରୀକ ଦୃଷ୍ଟିକୋଣରୁ ମଧ୍ୟ ହଜାର ହଜାର ଲୋକେ ଏହା ଅନୁଭବ କରିଛନ୍ତି ଯେ, ଯେଉଁ ଅର୍ଥରାଶି ସେମାନେ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ଲାଭ କରିବାପାଇଁ ଦେଉଥିଲେ, ତାହାକୁ ଅଲ୍ଲାଃ ତାଲା ଆଶ୍ଚର୍ଯ୍ୟଜନକ ଭାବେ ଫେରସ୍ତ କରିଦେଇଛି । କିନ୍ତୁ ସର୍ତ୍ତ ଏହା କି ତାହା ପୂଣ୍ୟ ଉଦ୍ଦେଶ୍ୟ ରଖି ଈଶ୍ୱରଙ୍କ ପ୍ରସନ୍ନତା ପ୍ରାପ୍ତ କରିବାପାଇଁ ବଳିଦାନ କରାଯାଉଥିବ ଏବଂ ସେଥିପାଇଁ ବାକି ଆଦେଶାବଳୀଗୁଡ଼ିକୁ ଓ ପୂଣ୍ୟକର୍ମମାନେ ମଧ୍ୟ ସମ୍ପାଦନ କରାଯାଉଥିବ ।

ଆମ ବିରୋଧିମାନେ କହୁଛନ୍ତି ଯେ ଆମେ ଏ ଯମାତ୍‌ର ନାମକୁ ଦୁନିଆରୁ ନିଶ୍ଚିହ୍ନ କରିଦେବୁ । ଏପରି କିଏ ଅଛି ଯିଏ ଅଲ୍ଲାଃ ତାଲାଙ୍କୁ ଏପରି ପ୍ରେମ କରୁଥିବା ଲୋକମାନଙ୍କୁ ଓ ଏପରି ନିଷ୍ଠା ରଖିଥିବା ଲୋକମାନଙ୍କୁ ନିଶ୍ଚିହ୍ନ କରିପାରେ ।

ଲୋକମାନେ ଏଥିସକାଶେ ନମାଜ ଓ ତହଜ୍ଜୁଦ୍ ପାଠ କରୁଛନ୍ତି ଯେ କିପରି ଚାନ୍ଦା ଦେଇପାରିବେ ନା କି ନିଜର ବ୍ୟକ୍ତିଗତ ଆବଶ୍ୟକତାକୁ ପୂରଣ କରିବେ ।

ଆମ ବିରୋଧିମାନେ ନିଜର ପାରୁ ପର୍ଯ୍ୟନ୍ତ ଚେଷ୍ଟା କରନ୍ତୁ କିନ୍ତୁ ଏ ଯମାତ୍‌କୁ ଖୁଦାତାଲା ନିଜ ଧର୍ମକୁ ଦୁନିଆରେ ବ୍ୟାପିଯିବା ପାଇଁ ପ୍ରତିଷ୍ଠା କରିଛନ୍ତି । ତେଣୁ ଅଲ୍ଲାଃ ତାଲା ପ୍ରତ୍ୟେକ ଅବସରରେ ଖୁଦାତାଲା ହିଁ ସମ୍ଭାଳନ୍ତି ଓ ସାହାଯ୍ୟ କରିଥାନ୍ତି ତେଣୁ ଗୋଟିଏ ପିଢ଼ି ପରେ ଦ୍ୱିତୀୟ ପିଢ଼ିର ହୃଦୟରେ ତାହାର ପ୍ରେମ ଏବଂ ତାହାଙ୍କ ଉଦ୍ଦେଶ୍ଯ ପୂରଣ ପାଇଁ ଥିବା ବେଦନାକୁ ସୃଷ୍ଟି କରିଚାଲିଛନ୍ତି ।

ୱକ୍‌ଫେ ଜଦିଦ୍‌ର ପଂଚଷଠି ବର୍ଷର ଶୁଭାରମ୍ଭର ଘୋଷଣା ଏବଂ ସାରା ପୃଥିବୀରେ ବସବାସ କରୁଥିବା ଅହେମଦୀମାନଙ୍କର ଆର୍ଥିକ ବଳିଦାନର ଚର୍ଚ୍ଚା ।

ପାକିସ୍ତାନ ଏବ ଅଲ୍‌ଯଜାଇର୍‌ର ଅହେମଦୀମାନଙ୍କ ଉପରେ ହେଉଥିବା ଅକଥନୀୟ ଅତ୍ୟାଚାରକୁ ଆଖିଆଗରେ ରଖି ସେମାନଙ୍କ ପାଇଁ ଦୁଆ କରିବାକୁ, ନଫିଲ୍ ପାଠ କରିବାକୁ ଏବଂ ସଦ୍‌କାତ୍ ଦେବାପାଇଁ ଉପଦେଶ

ଶାନ୍ତି ଦୃଷ୍ଟିରୁ ପାକିସ୍ତାନର ସାଧାରଣ ଅବସ୍ଥା ଏବଂ ଏ ଦୁନିଆର ଦ୍ରୁତ ଗତିରେ ଖରାପ ହେଉଥିବା ଅବସ୍ଥାକୁ ଆଖି ଆଗରେ ରଖି ଦୁଆ (ପ୍ରାର୍ଥନା) କରିବାପ୍ରତି ଧ୍ୟାନ କେନ୍ଦ୍ରିତ କରିବାକୁ ଉପଦେଶ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୦୮ ଜାନୁୟାରୀ ୨୦୨୧ ଅନୁଯାୟୀ ୦୮ ସୁଲାହ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - اَلرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

**ମନ୍‌ଜଲଲଜି ୟୁକ୍‌ରିଜୁଲ୍ଲାହା କର୍‌ଜନ୍ ହସନନ୍ ଫୟୁଜାଇଫହୁ ଲହୁ ଅଜ୍‌ଆଫନ୍ କସିରାଃ । ୱଲ୍ଲାହୁ ୟକ୍‌ବିଜୁ ୱ ୟବ୍‌ସୁତୁ ୱ ଇଲୈହେ ତୁର୍‌ଯଉନ୍ (ଅଲ୍‌ବକ୍‌ରାଃ:୨୪୬)** ଅର୍ଥାତ କଣ ଏପରି କେହି ଅଛି ଯିଏ ଅଲ୍ଲାଃଙ୍କୁ ନିଜ ଧନର ଏକ ଉତମ ଅଂଶ କାଟି କରଜ ଦେଇପାରିବ ଯାହାକୁ ଅଲ୍ଲାଃ ତାଲା ତା ପାଇଁ ବହୁଗୁଣିତ କରି ପ୍ରଦାନ କରିବେ ଅର୍ଥାତ ଫେରସ୍ତ କରିବେ ଏବଂ ଅଲ୍ଲାଃ ତାଲାଙ୍କର ଏହା ମଧ୍ୟ ପରମ୍ପରା ରହିଛି, ସୁନ୍ନତ ରହିଛି ଯେ ସେ ଲୋକମାନଙ୍କର ଧନ ଗ୍ରହଣ କରନ୍ତି ଓ ତାହାକୁ ଅଭିବୃଦ୍ଧି କରନ୍ତି ଏବଂ ପରିଶେଷରେ ତୁମମାନଙ୍କୁ ତାହାଙ୍କ ନିକଟକୁ ହିଁ ଫେରାଇ ନିଆଯିବ ।

ଉକ୍ତ ଆୟତରେ ଅଲ୍ଲାଃ ତାଲାଙ୍କୁ କରଜ ଦେବା ବିଷୟରେ ଉଲ୍ଲେଖ ରହିଛି କରଜର ଆକ୍ଷରିକ ଅର୍ଥ ଭଲ ବା ମନ୍ଦ ପ୍ରତିଫଳ ଅଟେ । କିନ୍ତୁ ଏଠାରେ ଏହାର ଅର୍ଥ ଯେ, କିଏ ଏଭଳି ବ୍ୟକ୍ତି ରହିଛି ଏହାର ଅର୍ଥ ନୁହେଁ କି ନଉଜୁବିଲ୍ଲାଃ ଅଲ୍ଲାଃଙ୍କୁ ମଣିଷର ଧନ ଦଉଲତ ଆବଶ୍ୟକ ଓ ସେ ନିଜର ଆବଶ୍ୟକତାକୁ ପୂରଣ କରିବା ପାଇଁ କରଜ ମାଗୁଛି । କରଜର ତ ଏକ ସାଧାରଣ ଅର୍ଥ ରହିଛି କି ଆମେ ସମସ୍ତେ କରଜ ଦିଆ ନିଆ କରିଥାଉଁ କାହାଠୁ ଉଧାର ନେଇଥାଉଁ କିନ୍ତୁ ଭାଷାକୋଷ ଅନୁସାରେ ଯିଏ ଅଲ୍ଲାଃ ତାଲାଙ୍କ ମାର୍ଗରେ ବ୍ୟୟ କରିବ? ଯଦ୍ୱାରା ଅଲ୍ଲାଃ ତାଲା ତାହାକୁ ସର୍ବୋତମ ପ୍ରତିଫଳ ପ୍ରଦାନ କରିବେ । ଅତଏବ ଯଦି ଆମେ ଅଲ୍ଲାଃ ତାଲାଙ୍କ ନିମନ୍ତେ ବ୍ୟୟ କରୁ ତାହେଲେ ଅଲ୍ଲାଃ ତାଲା ଆମମାନଙ୍କୁ ଏହାର ସର୍ବୋତମ ପୁରସ୍କାର ପ୍ରଦାନ କରିବେ ।

ଅଲ୍ଲାଃ ତାଲା କୁରାନେ କରିମ୍‌ରେ ଅନେକ ସ୍ଥାନରେ ଅର୍ଥ ବଳିଦାନ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି ଏବଂ ଅଲ୍ଲାଃ ତାଲାଙ୍କ ଧର୍ମ ପାଇଁ କିମ୍ବା ଅଲ୍ଲାଃ ତାଲାଙ୍କର ସୃଷ୍ଟିର ଉନ୍ନତି ପାଇଁ ବ୍ୟୟ କରିବାକୁ ସ୍ୱୟମ ସେ ନିଜ ମାର୍ଗରେ ବ୍ୟୟ କରିବା ସମତୁଲ୍ୟ ବୋଲି ବିବେଚିତ କରିଛନ୍ତି । ଏବଂ ଯେଉଁ ବସ୍ତୁ ଅଲ୍ଲାଃ ତାଲାଙ୍କ ପାଇଁ ବ୍ୟୟ କରାଯାଏ ତାହା ଅପଚୟ ହୋଇନଥାଏ ବା ନଷ୍ଟ ହୋଇନଥାଏ ବରଂ ଏହା ଏଭଳି ଏକ ଋଣ ଯାହାକୁ ଅଲ୍ଲାଃ ତାଲା ବହୁଗୁଣିତ କରି ପ୍ରଦାନ କରିଥାନ୍ତି । ସୁତରାଂ କେହି ଏହା ନବୁଝୁ ଯେ ଅଲ୍ଲାଃ ତାଲାଙ୍କୁ କୌଣସି ପ୍ରକାର କରଜର ଆବଶ୍ୟକତା ରହିଛି ସେ ତ ସ୍ୱୟମ ସମଗ୍ର ଜଗତର ପାଳନକର୍ତ୍ତା ଏବଂ ସମସ୍ତଙ୍କର ଆବଶ୍ୟକତା ପୂରଣକର୍ତ୍ତା । ତାଙ୍କୁ ବା କେଉଁ ବସ୍ତୁ ଲୋଡ଼ା ! ଯେତେବେଳେ ସେ ନିଜ ପାଇଁ କରଜର ଶବ୍ଦ ବ୍ୟବହାର କରନ୍ତି ତେବେ ତାହାର ତାତ୍ପର୍ଯ୍ୟ ହେଉଛି ଏହା କି, ହେ ମାନବ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କର ଯଦ୍ୱାରା ତାଙ୍କ ଅପାର ଦୟା ଓ ପୁରସ୍କାରର ତୁମେ ଅଧିକାରି ହୋଇପାରିବ କିଏ ଅଛି ଯେ ମୋତେ ମନଲାଖି କରଜ ଦେବ? ଏହି ବାକ୍ୟ ଆମକୁ ଏଥିପ୍ରତି ଅନୁପ୍ରାଣିତ କରୁଅଛି ଯେ କିଏ ଅଛି ଯେ ପ୍ରଭୁଙ୍କ ମାର୍ଗରେ ଖର୍ଚ୍ଚ କରି

ତାଙ୍କ ଅପାର ଦୟା ଓ ପୁରସ୍କାରର ଅଧିକାରି ? ହୋଇପାରିବ ? ପୁନଶ୍ଚ ସ୍ୱୟମ ସେ ସ୍ପଷ୍ଟରୂପେ ଦର୍ଶାଇଦେଲେ ଯେ ମୁଁ ତୁମଠାରୁ ଏଥିପାଇଁ କରଜ ମାଗୁନାହିଁ ଯେ, ତାହାକୁ ରଖି ନିଜ ଆବଶ୍ୟକତା ପୂରଣ କରିବି ବରଂ ତାହା ମୁଁ ଅନେକ ଗୁଣ ବଢାଇ ତୁମକୁ ହିଁ ଫେରସ୍ତ କରିଦେବି ଏଥିପାଇଁ କହୁଛି କି ଯଦି ତୁମେ ମୋ ଧର୍ମ ଓ ମୋ ସୃଷ୍ଟିର ଉପକାରରେ ନିଜ ପ୍ରୀୟ ଅର୍ଥକୁ ବିନିଯୋଗ କରିବ ତେବେ ମୁଁ ତାହାକୁ ବହୁଗୁଣିତ କରି ତୁମକୁ ଫେରସ୍ତ କରିବି । ପୁନଶ୍ଚ କରଜ ଅର୍ଥାତ କର୍ଜାଏ ହସ୍‌ନା ଶବ୍ଦ ଦର୍ଶାଉଛି ଯେ, ସ୍ୱଇଚ୍ଛାରେ ଏବଂ ଖୁସି ମନରେ ଖର୍ଚ୍ଚ କରିବ ତେବେ ଏଭଳି ଖର୍ଚ୍ଚ ଅଲ୍ଲାଃଙ୍କ ମାର୍ଗରେ ହେବ ସେତେବେଳେ ପ୍ରତିଫଳ ପୂର୍ବକ ସେ ତାହାକୁ ଅନେକ ଗୁଣ ବଢ଼ାଇ ଫେରସ୍ତ କରିବେ । ଅଲ୍ଲାଃ ତାଲା ଯେଉଁ ଋଣ ମାଗନ୍ତି ତହିଁରୁ ଏହା ଯଥାର୍ଥ ନୁହେଁ ଯେ, (ଅଲ୍ଲାଃ ତାଲା କ୍ଷମା କରନ୍ତୁ) ଅଲ୍ଲାଃ ତାଲାଙ୍କୁ ଋଣ ଦେବାର ଆବଶ୍ୟକତା ରହିଛି ଏବଂ ସେ ନିର୍ଧନ ଓ ଦରିଦ୍ର ଅଲ୍ଲାଃ ତାଲାଙ୍କ ସମ୍ପର୍କରେ ଏଭଳି ଭାବପୋଷଣ କରିବା ମହାପାପ ବରଂ ଏହାର ଅର୍ଥ ହେଉଛି, ପ୍ରାପ୍ତ ଧନକୁ ବହୁଗୁଣିତ କରି ସେ ଫରସ୍ତ କରିବେ ଅର୍ଥାତ ମୁଁ ତୁମକୁ ତୁମର ଅର୍ଥ ଯାହାକି ତୁମେ ମୋ ମାର୍ଗରେ ମୋ ଧର୍ମ ମାର୍ଗରେ ଖର୍ଚ୍ଚ କରିଛ ତାହାକୁ ଅନେକ ଗୁଣ ବଢ଼ାଇ ତୁମକୁ ଫେରସ୍ତ କରିବି ଏହା ହେଉଛି ଏକ ପନ୍ଥା ଯଦ୍ୱାରା ଅଲ୍ଲାଃ ତାହାଙ୍କ ଭକ୍ତମାନଙ୍କ ଉପରେ କୃପା ବର୍ଷଣ କରିବାକୁ ଚାହାନ୍ତି ।

ଆଉ ଏକ ଅବସରରେ ହଜ୍‌ରତ୍ ମସିହ ମଉଦ୍ ଆ:ସ କୁହନ୍ତି ଜଣେ ଅଜ୍ଞ ଲୋକ କହିଥାଏ **ମନ୍‌ଜଲ୍ ଲଜି ୟୁକ୍‌ରିଜୁଲ୍ଲାହା କରଜନ୍ ହସନା (ବକ୍‌ରାଃ:୨୪୬)** ( ଅର୍ଥାତ କିଏ ଅଛି ଯିଏ ପରମବ୍ରହ୍ମା ଅଲ୍ଲାଃଙ୍କୁ କରଜ ଦେବ) ଏହାର ଅର୍ଥ ପ୍ରଭୁ କ୍ଷମା କରନ୍ତୁ କଣ ପ୍ରଭୁ ଭୋକିଲା ଅଛନ୍ତି ? ନିର୍ବୋଧ ଏହା ବୁଝି ପାରୁନାହାନ୍ତି ଯେ ଏଥିରୁ ଭୋକିଲା ଅର୍ଥ କିପରି ବାହାରୁଛି ? ଯେତେବେଳେ କରଜାଏ ହସ୍‌ନାର ଶବ୍ଦ ପ୍ରଭୁ ପ୍ରୟୋଗ କରନ୍ତି ସେଥିରୁ ପ୍ରଭୁ ଭୋକିଲା ଥିବାର ଅର୍ଥ କେଉଁଠି ବା କେଉଁଆଡୁ ବାହାରିଲା ? ପ୍ରକୃତ ପକ୍ଷେ କରଜର ଯଥାର୍ଥ ଏଭଳି ବସ୍ତୁ ଯାହା ଫେରସ୍ତ କରିବାର ପ୍ରତିଶୃତି ବହନ କରିଥାଏ । କାରଣ କରଜ ତ ଫେରସ୍ତ କରିବା ଅନିବାର୍ଯ୍ୟ କରଜ ପରିଶୋଧ ନ କରିବା ପର୍ଯ୍ୟନ୍ତ ମଣିଷକୁ ମୁକ୍ତି ମିଳିନଥାଏ । ଆପତିକାରୀ ସେଥି ସହିତ ଅଖ୍‌ଲାସ୍ ଅର୍ଥାତ ଗରିବ ଶବ୍ଦ ଯୋଡ଼ି ଦେଇଥାଏ ଅବା ଅଲ୍ଲାଃ ତାଲାଙ୍କ ଆବଶ୍ୟକତାର ଶବ୍ଦ ନିଜ ଆଡୁ ଯୋଡ଼ି ଦେଇଥାଏ । ଅଲ୍ଲାଃ ତାଲା ତ ଏହା କଦାପି କହିନାହାନ୍ତି ଯେ ମୁଁ ଭୋକିଲା ଅଛି, ଗରୀବ ଓ ଅଭାବଗ୍ରସ୍ତ ଅଛି ତେଣୁ ମତେ ଦିଅ ଯାହାକି ମୁଁ ନିଜ ପାଇଁ ଖର୍ଚ୍ଚ କରିବି । ହଁ ନିଜ ଭକ୍ତ ଓ ପ୍ରୀୟଜନଙ୍କ ପାଇଁ ଏକଥା କହିଥାନ୍ତି ଯେ ଯେତେବେଳେ ମୋ ଭକ୍ତ ଭୋକିଲା ଥାଏ ସେତେବେଳେ ତୁମେ ତାକୁ ଖୁଆଅ ତା ଆବଶ୍ୟକତା ପୂରଣ କର । ତୁମର ସେମାନଙ୍କ ପାଇଁ ବ୍ୟୟ କରିବା ଅନ୍ୟ ଅର୍ଥରେ କହିବାକୁ ଗଲେ ମୋ ପାଇଁ ଖର୍ଚ୍ଚ କରିବା ସଦୃଶ ହେବ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆହୁରି କୁହନ୍ତି ଏଠାରେ କରଜର ଅର୍ଥ ହେଉଛି ଏହାକି କିଏ ଅଛି ଯିଏ ଅଲ୍ଲାଃ ତାଲାଙ୍କୁ ସତ୍‌କର୍ମ ଦେଇପାରିବ ? ଅଲ୍ଲାଃ ତାଲା ସେମାନଙ୍କର ପୁରସ୍କାର ଅନେକ ଗୁଣ ବୃଦ୍ଧି କରି ତାହାକୁ ଫେରସ୍ତ କରିଥାନ୍ତି ସେ ଯେ କୌଣସି ସତ୍‌କର୍ମ ହେଉ ପଛେ ଯଦି ତାହା ଅଲ୍ଲାଃ ତାଲାଙ୍କ ପାଇଁ ଅବଲମ୍ବନ କରାଯାଏ ତାହେଲେ ଅଲ୍ଲାଃ ତାଲା ତାହାକୁ ବହୁଗୁଣିତ କରି ଫେରାଇଥାନ୍ତି । କେବଳ ଟଙ୍କା ପଇସାର କଥା ନୁହେଁ ଏକଥା ପ୍ରଭୁଙ୍କ ମର୍ଯ୍ୟାଦା ଯୋଗ୍ୟ ଅଟେ । ଯେଉଁ ପ୍ରକ୍ରିୟା ଭକ୍ତର ଭକ୍ତି କରିବା ସହିତ ରହିଛି ସେଥିରେ ଚିନ୍ତନ କଲେ ତାହାର ମର୍ମ ସ୍ପଷ୍ଟରୂପେ ବୁଝା ପଡ଼ିଥାଏ । କାରଣ ପରମେଶ୍ୱର ବିନା କୌଣସି ପୂଣ୍ୟ, ଦୁଆ ଓ ନିବେଦନରେ ମଧ୍ୟ ମୋମିନ୍ ଏବଂ ଅମାନ୍ୟକାରୀଙ୍କ ମଧ୍ୟରେ କୌଣସି ପ୍ରକାର ପ୍ରଭେଦ ନ କରି ସମସ୍ତଙ୍କର ଲାଳନପାଳନ କରିଥାନ୍ତି । ସେ ତ ସଭିଙ୍କର ଭରଣପୋଷଣ କରିଥାନ୍ତି ଏହା ନ ଦେଖି କି କିଏ ଅମାନ୍ୟକାରୀ ଅବା କିଏ ମୋମିନ୍ । ନିଜ ପାଳନକର୍ତା ଓ ସଦା କରୁଣାମୟ ହେବାର ବିଶେଷ ଗୁଣ ଦ୍ୱାରା ପ୍ରତ୍ୟେକଙ୍କୁ ଉପକୃତ କରାଇଥାନ୍ତି ତେବେ ସେ କାହାରି ସତ୍‌କର୍ମକୁ କିଭଳି ନଷ୍ଟ କରିଦେବେ ? ଯେତେବେଳେ ବିନା କୌଣସି କର୍ମଫଳ ସତ୍ୱେ ସେ ସମସ୍ତଙ୍କର ଭରଣ ପୋଷଣ କରୁଛନ୍ତି ତେବେ ଯଦି କିଏ ସତ୍‌କର୍ମ ଓ ଉତମ କାର୍ଯ୍ୟ ସମ୍ପାଦନ କରିବ ତେବେ ତାହାକୁ ସେ ତା'ର ସୁଫଳ ନ ଦେଇ କିଭଳି ତାହାକୁ ନଷ୍ଟ କରିଦେଇପାରିବେ । ତାଙ୍କ ଶ୍ରେଷ୍ଠତା ତ ଏଭଳି ଯେପରି କି ସେ କୁହନ୍ତି: **ମଈଁୟାମଲ୍ ମିସ୍‌କାଲା ଜର୍‌ରତିନ୍ ଖୈରୟଁ ଅରହ୍** (ଜିଲ୍‌ଜାଲ୍: ୮) ଅର୍ଥାତ ଯେ କେହି ନିମିତ ମାତ୍ର ସତ୍‌କର୍ମ କରିବ ସେ ତାହାର ପ୍ରତିଫଳ ନିଶ୍ଚୟ ପ୍ରଦାନ କରିବେ ଏବଂ ଯେ କେହି ସାମାନ୍ୟତମ ଅପକର୍ମ କରିବ ସେ ମଧ୍ୟ ତାହାର ପରିଣାମ ଭୋଗ କରିବ । ଏହା ଅଟେ କରଜର ବାସ୍ତବିକ ଅର୍ଥ ଯାହାକି ଏହି ପଂକ୍ତିରୁ ଉପନୀତ ହେଉଅଛି ଯାହାର ସ୍ପଷ୍ଟିକରଣ ଏହି ପଂକ୍ତିରୁ ହେଉଛି । ***(ମଲ୍‌ଫୁଜାତ୍, ଖଣ୍ଡ-୧, ପୃ-୨୨୬-୨୨୭)***

ସୁତରାଂ ଅଲ୍ଲାଃ ତାଲାଙ୍କ ଧର୍ମର ପ୍ରଚାର ନିମନ୍ତେ ସୃଷ୍ଟିର ସେବା ପାଇଁ ଅର୍ଥ ବଳିଦାନ ଦେବା ମଧ୍ୟ ବହୁତ ବଡ଼ ପୁଣ୍ୟ ଅଲ୍ଲାଃ ତାଲା ତାହାର ପ୍ରତିଫଳ ନ ଦେଇ ଛାଡ଼ି ନଥାନ୍ତି । ପବିତ୍ର କୁର୍‌ଆନ୍‌ରେ ଅନ୍ୟ କେତେକ ସ୍ଥାନରେ ମଧ୍ୟ ଏହାର ଚର୍ଚ୍ଚା ରହିଛି ଅର୍ଥ ଦାନ କରିବା ପ୍ରସଙ୍ଗରେ ଯମାତ୍‌ର ସଦସ୍ୟବୃନ୍ଦଙ୍କଠାରୁ ଅନ୍ୟ କିଏ ବା ଅଧିକା ଜାଣନ୍ତି ଯିଏ ପ୍ରଭୁଙ୍କ ମାର୍ଗରେ ଅର୍ଥ ଦାନ କଲେ ତାହାର କି କି ପ୍ରତିଫଳ ଓ କେତେ ପରିମାଣରେ ପ୍ରତିଫଳ ମିଳିଥାଏ । କାରଣ ଯମାତ୍‌ର ପ୍ରତ୍ୟେକ ବର୍ଗର ଲୋକ ନିଜ ପ୍ରଭୁଙ୍କ ପ୍ରିତିଭାଜନ ଲାଭ କରିବାପାଇଁ ତାଙ୍କ ମାର୍ଗରେ ନିଜର ପ୍ରୀୟ ଅର୍ଥ ଖର୍ଚ୍ଚ କରିଥାନ୍ତି । ଏତଦ୍‌ଦ୍ୱାରା ସେମାନେ ଯେଉଁ ସ୍ଥଳେ ଆତ୍ମସନ୍ତୋଷ ଲାଭ କରିଥାନ୍ତି ସେହି ସ୍ଥଳେ ସେମାନେ ନିଜ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କ ଅଭୁତପୂର୍ଣ୍ଣ ବରଦାନ ଲଭିଥାନ୍ତି । ଏଭଳି ଅନେକ ଅହେମଦୀ ଅଛନ୍ତି ଯେ, କେବଳ ପ୍ରଭୁଙ୍କ ଖାତିର୍ ବଳିଦାନ କରିଥାନ୍ତି ଏବଂ ସେମାନଙ୍କର ମାତ୍ର ଏହି ଅଭିଳାଷା ରହିଥାଏ କି କିପରି ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ଆମେ ଲାଭ କରିବୁ ସେମାନଙ୍କର ହୃଦୟରେ ଏହି ଭାବନା ମଧ୍ୟ ନଥାଏ ଯେ ଆମେ ଯାହା ବଳିଦାନ କରୁଛୁ ତାହାର ପ୍ରତିଫଳ ଆମକୁ ମିଳୁ । କିନ୍ତୁ ପ୍ରଭୁ ନିଜ ସୁନ୍ନତ ଅନୁଯାୟୀ, ନିଜ ପରମ୍ପରା ଅନୁଯାୟୀ ତାକୁ ତାହାର ଉତମ ଫଳ ଫେରାଇ ଦେଇଥାନ୍ତି କେତେକ ଏପରି ମଧ୍ୟ ଥାଆନ୍ତି ଯିଏ ଅତ୍ୟନ୍ତ ଦୟନିୟ ଅବସ୍ଥାରେ ମଧ୍ୟ ବଳିଦାନ କରିଥାନ୍ତି ଏବଂ ଏହି ଆଶା ବାନ୍ଧିଥାନ୍ତି ଯେ, ତାହାର ପ୍ରତିଫଳ ସ୍ୱରୁପ ପ୍ରଭୁ ହିଁ ତାଙ୍କର ଆବଶ୍ୟକତା ପୂରଣ କରିଦେବେ ଏବଂ ସେ ଅର୍ନ୍ତଯାମି ପ୍ରଭୁ ତାଙ୍କ ଆଶାନୁଯାୟୀ କୌଣସି ନା କୌଣସି ପ୍ରକାରେ ତାଙ୍କ ଆବଶ୍ୟକତା ପୂରଣ ମଧ୍ୟ କରିଦେଇଥାନ୍ତି ଯାହାକୁ ଦେଖି ସେମାନେ ଆଚମ୍ଭିତ ହୋଇଥାନ୍ତି କିନ୍ତୁ ଏଥିରେ ସର୍ତ ଏହା ରହିଛି ଯେ ପୂଣ୍ୟଟି ସତ୍ ଉଦ୍ଦେଶ୍ୟ ରଖି କରାଯିବା ଉଚିତ ନିଜର କର୍ମ ଓ ଏଥି ନିମନ୍ତେ ଅନ୍ୟାନ୍ୟ ଆଦେଶାବଳୀ ତଥା ପୂର୍ଣ୍ୟବଳିଗୁଡ଼ିକୁ ମଧ୍ୟ ଅବଲମ୍ବନ କରାଯାଇଥିବା ଆବଶ୍ୟକ ଏହା ନୁହେଁ ଯେ କେବଳ ଅର୍ଥଦାନ କରି ଚିନ୍ତା କରିନେବା ଭାବିନେବା ଯେ ମୁଁ ବେଶ୍ ବଳିଦାନ ଦେଇ ଦେଇଛି ଅନ୍ୟ ଦାୟିତ୍ୱଗୁଡ଼ିକ ତୁଲାଇବା ବା ସମ୍ପାଦନ କରିବାର ଆବଶ୍ୟକତା ହିଁ ନାହିଁ ବରଂ ଅନ୍ୟ ପୂର୍ଣ୍ୟାବଳୀଗୁଡ଼ିକୁ ସମ୍ପାଦିତ କରିବା ମଧ୍ୟ ଆବଶ୍ୟକ । ନା କି ଜଣେ ବ୍ୟବସାୟୀ ବ୍ୟକ୍ତି ପରି କେବଳ ଏହି ଚିନ୍ତାଧାରା ରଖି ଅର୍ଥକୁ ବ୍ୟୟ କରିବ ଯେ ଉକ୍ତ ବ୍ୟୟ କରାଯାଇଥିବା ଅର୍ଥରୁ ମତେ କେବଳ ଲାଭ ମିଳୁ । ଅଲ୍ଲାଃଙ୍କ ମାର୍ଗରେ ଦେଇଦିଅ ଦୁଇଗୁଣା ମିଳିଯିବ ।

ସେ ଯାହା ହେଉ ମୁଁ ଏଠାରେ ବର୍ତମାନ ଏପରି କିଛି ଲୋକମାନଙ୍କର ଘଟଣା ବର୍ଣ୍ଣନା କରିବି ଯେଉଁମାନେ ଅଲ୍ଲାଃଙ୍କଠାରୁ କୃପା ଲାଭ କରିଛନ୍ତି । ଅଧିକାଂଶ ଏପରି ଘଟଣା ଅଛି, ଯେଉଁମାନେ ନିଷ୍ଠାର ସହିତ ବଳିଦାନ ଦେଇଛନ୍ତି ଓ ଅଲ୍ଲାଃ ସେମାନଙ୍କର ଆବଶ୍ୟକତାକୁ ଆଶ୍ଚର୍ଯ୍ୟ ଭାବରେ ପୂରଣ କରିଛନ୍ତି । ଅନେକ ଏପରି ଅଛନ୍ତି ଯିଏ ନିଜ ଓ ନିଜ ସନ୍ତାନମାନଙ୍କ ଭୋକର ଜଳାଞ୍ଜଳୀ ଦେଇ ଦାନ କରିଥାନ୍ତି କିନ୍ତୁ କିଛି କ୍ଷଣ ମଧ୍ୟରେ ହିଁ ପରାକ୍ରମୀ ଈଶ୍ୱର ତା'ଠାରୁ ବଳି ଉତମ ଓ ସୁସ୍ୱାଦୁ ବ୍ୟଞ୍ଜନର ତା ପାଇଁ ବ୍ୟବସ୍ଥା କରି ସେମାନଙ୍କ କ୍ଷୁଧା ନିବାରଣ କରିଥାନ୍ତି ଏପରି ଏହା ସେମାନଙ୍କର ବିଶ୍ୱାସକୁ ଅଭିବୃଦ୍ଧି କରିବାର କାରଣ ସାବ୍ୟସ୍ତ ହୋଇଥାଏ । ଅତଃ ଏହା ପ୍ରଭୁଙ୍କ ସେହି ପ୍ରିତିଭାଜନ ଲାଭ କରିଥିବା ବ୍ୟକ୍ତି ଯାହାଙ୍କ ଅଗଣିତ ଉଦାହରଣ ଆଜି ମଧ୍ୟ ଆମ୍ଭମାନଙ୍କୁ ଯମାତ୍‌ରେ ଦେଖିବାକୁ ମିଳୁଅଛି ।

ବର୍ତମାନ ମୁଁ କେତେକ ଅହେମଦୀମାନଙ୍କ ଘଟଣାବଳୀ ସମ୍ପର୍କରେ ଏଠାରେ ଆଲୋଚନା କରିବି ଯେଉଁମାନେ ଅଲ୍ଲାଃ ତାଲାଙ୍କର ଏହି କୃପା ଦ୍ୱାରା ଲାଭାନ୍ୱିତ ହୋଇଛନ୍ତି ଏପରି ଅନେକ ଘଟଣାବଳୀ ରହିଛି ଯେଉଁ ଘଟଣାବଳୀଗୁଡ଼ିକରେ ନିଷ୍ଠାପୂର୍ଣ୍ଣ ମନୋଭାବ ରଖି ଅଲ୍ଲାଃ ତାଲାଙ୍କ ମାର୍ଗରେ ବଳିଦାନ ଦେଇଛନ୍ତି ଏବଂ ଅଭୁତପୂର୍ଣ୍ଣ ରୂପେ ଅଲ୍ଲାଃ ତାଲାଙ୍କ ସେମାନଙ୍କର ଆବଶ୍ୟକତାକୁ ପୂରଣ କରିଦେଇଛନ୍ତି ତା ନୁହେଁ ବରଂ ଏହାଠୁ ବି ଅଧିକ ଅଲ୍ଲାଃ ତାଲା ସେମାନଙ୍କୁ ବହୁଗୁଣିତ କରି ଫେରସ୍ତ କରିଛନ୍ତି ।

ଗିନିକନାକାରିର ସଦର ଯମାତ୍ ଓ ମୁବଲ୍ଲିଗ୍ ଇନ୍‌ଚାର୍ଜ ସାହେବ ବର୍ଣ୍ଣନା କରନ୍ତି, ସେ ଦୁହେଁ ଗତବର୍ଷ ମୋର ୱ୍‌କଫେ ଯଦିଦ୍‌ର ଖୁତ୍‌ବାଯୁମା ମସ୍‌ଜିଦ୍‌ରେ ପଢ଼ି ଶୁଣାଇଲେ ଯେଉଁ ଖୁତ୍‌ବାରେ ଆର୍ଥିକ ବଳିଦାର ମହତ୍ୱ ସମ୍ପର୍କରେ ଆଲୋଚନା କରାଗଲା । ନମାଜ ଜୁମା ପରେ ଜଣେ ଗରୀବ ଓ ନୈଷ୍ଠିକ ଅହେମଦୀ ମୁସା କୁବା ସାହେବ ନିଜ ପକେଟରେ ଥିବା ସମସ୍ତ ଟଙ୍କାକୁ ଅତ୍ୟନ୍ତ ନିଷ୍ଠାର ସହିତ ୱ୍‌କଫେ ଯଦିଦ୍‌ର ପାଣ୍ଠିରେ ପଇଠ କରିଦେଲେ ଯଦିଚ ସେ ଏହା ପୂର୍ବରୁ ନିଜର ଚାନ୍ଦା ପଇଠ କରିସାରିଥିଲେ କିନ୍ତୁ ଅଧିକ ନିଜ ପକେଟରେ ଯାହା ଥିଲା ସବୁକିଛି ଏହି ପାଣ୍ଠିରେ ଦାନ କରିଦେଲେ । କିନ୍ତୁ ତାଙ୍କୁ ଯେତେବେଳେ କୁହାଗଲା କି ଆପଣ ଏହି ପଇଠ କରିଥିବା ଅର୍ଥରୁ କିଛି ଟଙ୍କା ରଖିନିଅନ୍ତୁ କାରଣ ଆପଣ ଘରକୁ ବି ଯିବେ ଏବେ ବାଟ ଖର୍ଚ୍ଚ ପାଇଁ ନିଜ ପକେଟରେ କିଛି ରଖିଲେନାହିଁ ଆଉ ସବୁ ଟଙ୍କା କାଢ଼ି ପଇଠ କରିଦେଲେ । ସେତେବେଳେ ସେ ଉତର ଦେଲେ ଆପଣ କଣ ଶୁଣିନାହାନ୍ତି ଯେ, ହଜ୍‌ରତ୍ ମସିହ ମଉଦ୍ ଆ:ସ କହିଛନ୍ତି କି ଜଣେ ବିଶ୍ୱାସକାରୀର ହୃଦୟରେ ଦୁଇଟି ପ୍ରେମ ଅର୍ଥାତ ସଂସାର ଏବଂ ଆଧ୍ୟାତ୍ମିକ ପ୍ରେମ କଦାପି ଏକତ୍ରିତ ହୋଇପାରିବନାହିଁ । ଅତଏବ ଆଜି ମତେ ଅଲ୍ଲାଃ ତାଲାଙ୍କ ପ୍ରେମାନୁରାଗ ସାହାଯ୍ୟରେ ବଂଚିବାକୁ ଦିଅନ୍ତୁ ଏହାପରେ ସେ ଆନନ୍ଦର ସହିତ ଚାଲି ଚାଲି ନିଜ ଘରକୁ ଗଲେ ।

ଏହା ହେଉଛି ସେହି ଦୃଶ୍ୟ ଯେଉଁ ଦୃଶ୍ୟକୁ ଦେଖି ହୃଦୟ ଅଲ୍ଲାଃଙ୍କ ପ୍ରଶଂସାରେ ଭରି ଯାଇଥାଏ । କି ପ୍ରକାର ନୈଷ୍ଠିକ ଯମାତ୍ ଯାହାକୁ ଅଲ୍ଲାଃ ତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ପ୍ରଦାନ କରିଛନ୍ତି । ଲୋକମାନେ ଖୁତ୍‌ବା ଶୁଣନ୍ତି ଓ ଶୁଣି କହିଦିଅନ୍ତି ହଁ ଆମେ ଖୁତ୍‌ବା ଶୁଣିନେଲୁ କିନ୍ତୁ ସେହି ଲୋକମାନେ ଖୁତ୍‌ବାର ଗୃହରତ୍ୱ ମଧ୍ୟକୁ ଯାଆନ୍ତିନାହିଁ ଏବଂ ଧ୍ୟାନପୂର୍ବକ ଖୁତ୍‌ବା ଶୁଣନ୍ତି ନାହିଁ । ଏହା ହେଉଛି ସେହି ଉଦାହରଣ ଯେ ଗଭୀରତାର ସହିତ କୌଣସି କଥାକୁ, ଧ୍ୟାନର ସହିତ ଶୁଣି ତାହା ଉପରେ କାର୍ଯ୍ୟାନୁସରଣ କରନ୍ତି । ଏହା କିଭଳି ବିଚିତ୍ର ତଥା ଅଭୁତ ପ୍ରକାରର ବଳିଦାନର ଦୃଶ୍ୟ । ଏହା ମଧ୍ୟ ଶରାୟତେ୍ ବୟତେ ଅନୁଯାୟୀ ଅଟେ ଯେ, ପ୍ରତ୍ୟେକ ପରିସ୍ଥିତିରେ ଅଲ୍ଲାଃ ତାଲାଙ୍କ ସହିତ ବିଶ୍ୱସ୍ତତାର ଶପଥକୁ ପୁରଣ

କରିବା ଏବଂ କୌଣସି ଅଭିମାନ କିମ୍ବା ଅଭିଯୋଗ କରିବାନାହିଁ । ଆମର ବିରୋଧିମାନେ କୁହନ୍ତି କି ଆମେମାନେ ପୃଥିବୀରୁ ଯମାତ୍ ଅହେମଦୀୟାର ନାମକୁ ନିଶ୍ଚିହ୍ନ କରିଦେବୁ । ଏପରି କିଏ ଅଛି ଯିଏ ଅଲ୍ଲାଃ ତାଲାଙ୍କ ସହିତ ଏପରି ପ୍ରେମ ସମ୍ପର୍କ ରକ୍ଷା କରୁଥିବା ଏବଂ ବିଶ୍ୱସ୍ତତା ପ୍ରକାଶ କରୁଥିବାକୁ ନିଶ୍ଚିହ୍ନ କରିପାରିବ ଅର୍ଥାତ ଏଭଳି ବିଶ୍ୱସ୍ତ ଲୋକମାନଙ୍କୁ ନିଶ୍ଚିହ୍ନ କରିପାରିବ । ଅଲ୍ଲାଃ ତାଲା ଏଭଳି ଭଲ ପାଉଥିବା ବ୍ୟକ୍ତିଙ୍କୁ ନିଜ କୋଳରେ ଜାବୁଡ଼ି ରଖନ୍ତି ଏବଂ ଶତୃର ଧୂଳି ମଧ୍ୟ ମିଳିନଥାଏ ଅର୍ଥାତ ତାହାର ଚିହ୍ନବର୍ଣ୍ଣ ଓ ଠିକଣା ପତା ମଧ୍ୟ ମିଳିନଥାଏ ।

ଫ୍ରାନ୍ସ ଯମାତ୍ର ଜଣେ ମହିଳା ଶ୍ରୀମତି ଡେନୁଆ ସାହିବା କିଛିଦିନ ପୂର୍ବେ ବୟତ କରିଥିଲେ ଓ ସେ ଅନେକ ସମସ୍ୟାର ସମ୍ମୁଖିନ ହେଲେ କେବଳ ସେ ନୁହେଁ ବରଂ ତାଙ୍କ ପରିବାରବର୍ଗ ମଧ୍ୟ ଅନେକ ସମସ୍ୟାର ସମ୍ମୁଖୀନ ହେଲା । ସେ ସ୍ୱୟମ କୁହନ୍ତି ମୁଁ ଅର୍ଥଦାନ କ୍ଷେତ୍ରରେ, ତାହା ତହ୍‌ରିକେ ଜଦିଦ୍ ହେଉ ଅବା ୱକ୍‌ଫେ ଯଦିଦ୍ ଅବା ମସ୍‌ଜିଦ୍ ଫଣ୍ଡ ସର୍ବଦା ଭାଗ ନେବାକୁ ଚେଷ୍ଟା କରେ ଏବଂ ଚାନ୍ଦା ଦେବାର ଅସିମୀତ କୃପାର ନିଦର୍ଶନ ସ୍ୱୟମ ମୁଁ ଅବଲୋକନ କରିନେଇଛି । ଚଳିତ ବର୍ଷ ୱକ୍‌ଫେ ଜଦିଦ୍‌ର ଚାନ୍ଦା ପଇଠ କଲାବେଳେ ମୋର ଅବସ୍ଥା ଏପରି ଥିଲା ଯେ, ମୁଁ ଏକ ଭଲ ଚାକିରି ପାଇଁ ଦୀର୍ଘ ଦିନ ହେଲା ପ୍ରଚେଷ୍ଟା କରୁଥିଲି କିନ୍ତୁ କୌଣସି ଚାକିରି ମିଳୁନଥିଲା । ସେ କୁହନ୍ତି ଯେଉଁ ଦିନ ୱକ୍‌ଫେ ଯଦିଦ୍‌ର ଚାନ୍ଦା ପଇଠ କଲି ତାହାର ଦଶ ମିନିଟ ପରେ ମତେ ଏକ ବହୁତ ବଡ଼ କମ୍ପାନୀରୁ ଫୋନ୍ ଆସିଲା ଯେ, ତାଙ୍କ କମ୍ପାନୀରେ ମତେ ଚାକିରି ମିଳିଯାଇଛି । ସେ କୁହନ୍ତି ଏ ସବୁ ଚାନ୍ଦା ଦେବାର ଆଶିଷ ଯାହାକି ଅଲ୍ଲାଃ ତାଲାଙ୍କ ନିକଟରୁ ମତେ ମୋ ପ୍ରତି ନିଦର୍ଶନ ସ୍ୱରୁପ ଅଲ୍ଲାଃ ତାଲା ମତେ ପ୍ରଦାନ କରିଛନ୍ତି ।

କାଜାଗିସ୍ତାନର ମୁବ୍‌ଲିଗ୍ ସାହେବ ଲେଖିଛନ୍ତି ସ୍ଥାନୀୟ ମୌଲିମ୍ ଶ୍ରୀଯୁକ୍ତ ଜସ୍‌ଲାନ୍ ସାହେବଙ୍କ ପତ୍ନୀ କିଛି ବର୍ଷ ପୂର୍ବେ ଯମାତ୍‌ରେ ସାମିଲ ହୋଇଥିଲେ ଅର୍ଥାତ ବୟତ କରି ଯମାତ୍‌ରେ ସାମିଲ ହେଲେ । ଚଳିତ ବର୍ଷ ନିଜ ବିବାହ ବାର୍ଷିକ ଅବସରରେ ୩୫ଶହ ଟେଙ୍ଗେ ସ୍ଥାନିୟ ମୁଦ୍ରା ଲେଖାଏଁ ତହ୍‌ରିକେ ଯଦିଦ୍ ଓ ୱକ୍‌ଫେ ଯଦିଦ୍‌ର ପାଣ୍ଠିରେ ଚାନ୍ଦା ପଇଠ କଲେ । ଅର୍ଥାତ ୭ ହଜାର ଟେଙ୍ଗେ । ସେ କୁହନ୍ତି ଏକ ସପ୍ତାହ ପରେ ମତେ ୭୦ ହଜାର ଟେଙ୍ଗେ ରାଶି ମିଳିଗଲା ଯାହା ମିଳିବାର ମୋତେ କୌଣସି ଅନୁମାନ ମଧ୍ୟ ନଥିଲା । ପ୍ରଭୁଙ୍କ ମାର୍ଗରେ ଅର୍ଥ ଦାନ କଲେ ସେ ତାହାର ଦଶଗୁଣ ବଢ଼ାଇ ଫେରସ୍ତ କରିଦେଇଥାନ୍ତି । ଏହା ସେହି ପ୍ରତିଶୃତିର ନିଦର୍ଶନ । କେତେକ ଲୋକ ଅଭିମାନ ପୂର୍ବକ କହିଦେଇଥାନ୍ତି ଯେ, ଆମ ସହିତ ପରମେଶ୍ୱର କାହିଁକି ଏଭଳି ଆଚରଣ ପ୍ରଦର୍ଶନ କରୁନାହାନ୍ତି । ସେମାନଙ୍କୁ ଆବଶ୍ୟକ କି ପ୍ରଭୁଙ୍କ ଶରଣେ କ୍ଷମା ଜାଚନା କରନ୍ତୁ ଏବଂ ନିଜର ଅନୁଶୀଳନ କରନ୍ତୁ କି ଯେତେବେଳେ ସେମାନେ ଅର୍ଥ ଦାନ କରୁଛନ୍ତି କଣ ତାଙ୍କ ନିୟତ ନିଷ୍ଠାର ସହିତ ଅଲ୍ଲାଃ ତାଲାଙ୍କ ମାର୍ଗରେ ଅର୍ଥଦାନ କରିବାରେ ରହୁଛି । ଯଦି ଥାଏ ତେବେ ଏଭଳି ଅଭିମାନ କଦାପି ମନରେ ଉତ୍ପନ୍ନ ହେବନାହିଁ ବରଂ ପ୍ରସନ୍ନଚିତ ହେବା ଉଚିତ ଯେ, ପ୍ରଭୁ ତାଙ୍କ ମାର୍ଗରେ ମତେ କିଛି ଦାନ କରିବାକୁ ସାମର୍ଥ୍ୟ ପ୍ରଦାନ କଲେ । କିନ୍ତୁ ଯେଉଁମାନଙ୍କର ନିୟତ ଏହା ଥାଏ କି ଅଲ୍ଲାଃ ତାଲା ଆଜି ନୁହେଁ ତ କାଲି ବେଶ୍ ବଢ଼ାଇ ଫେରସ୍ତ କରିବେ । ସେପରି ଲୋକେ ହିଁ ପରେ ଅଭିଯୋଗ ଅଭିମାନ ଓ ନାନାଦି ଆପତି ମୂଳକ ଉକ୍ତି ମନରେ ପୋଷଣ କରିଥାନ୍ତି । ଏପରି ଲୋକଙ୍କୁ ପୁଣି ନମାଜ ମଧ୍ୟ ବୋଝ ମନେ ହୋଇଥାଏ ।

ମସ୍କୋର ଜଣେ ବନ୍ଧୁ ଅବ୍‌ଦୁର୍ ରହ୍‌ମାନ ସାହେବ କୁହନ୍ତି, ଚାକିରି କରିବା କ୍ଷେତ୍ରରେ ମୋ ଭାଗ୍ୟ ସବୁବେଳେ ଖରାପ ଥାଏ । ଯେଉଁ ସ୍ଥଳେ କାମ ମିଳେ ସେଠାରେ ଏତେ କମ୍ ବେତନ ମିଳେ ଯେ, ମୋର ପରିବାରର ଭରଣପୋଷଣ କରିବା କଷ୍ଟସାଧ ହୋଇଥାଏ । ଏକଦା ପୁଣି ଗୋଟିଏ ମାସରେ ବେତନ ମଧ୍ୟ ମତେ ମିଳିଲାନାହିଁ । ତା'ପରେ ପ୍ରଭୁ ଏଭଳି କୃପା କଲେ ଯେ ମୋ ବେତନରେ ଅଭିବୃଦ୍ଧି ଘଟିଲା ସୁତରାଂ ମୋ ମନରେ ଏକଥା ଉତ୍ପନ୍ନ ହେଲା ଯେ ପ୍ରଭୁ ମତେ ଏଥପ୍ରତି ଇଙ୍ଗିତ କରୁଛନ୍ତି କି ମତେ ନିଜ ଚାନ୍ଦା ନିୟମିତ ରୂପେ ପଇଠ କରିବା ଉଚିତ । ଅତଏବ ମୁଁ ଚାନ୍ଦା ଦେବା ଆରମ୍ଭ କରିଦେଲି ଯଦ୍ୱାରା ପ୍ରଭୁ ମୋ ଉପରେ ଅଧିକ କଲ୍ୟାଣ ଓ ଆଶିଷ ପ୍ରଦାନ କଲେ କି ମତେ ଏପରି ଏକ ସ୍ଥଳେ ଚାକିରି ମିଳିଗଲା ଯାହାର ପ୍ରତିକ୍ଷା ପାଇଁ ମୁଁ ଦୁଇବର୍ଷ ହେଲା ପ୍ରୟାସ କରୁଥିଲି ଓ ପ୍ରତିକ୍ଷାରେ ଥିଲି । ଏଥିରୁ ମୁଁ ବିଶେଷ ରୂପେ ଏକଥା ଜାଣିଗଲି ଯେ, ନିୟମିତ ରୂପେ ଚାନ୍ଦା ଦେବା ଫଳରେ ପ୍ରଭୁ ନିଜ ଭକ୍ତର ଆମଦାନୀରେ ଅଭିବୃଦ୍ଧି ପ୍ରଦାନ କରିଥାନ୍ତି । ଏଥିସକାଶେ ମୁଁ ପରମେଶ୍ୱରଙ୍କର କୃତଜ୍ଞତା ଜ୍ଞାପନ କରୁଛି ଯେ, ସେ ମତେ ନିଜ ମାର୍ଗରେ କିଛି ଦାନ କରିବାକୁ ସାମର୍ଥ୍ୟ ପ୍ରଦାନ କଲେ ।

ସେରେଲିଓନ୍‌ରୁ ୱାଟରଲୁ (Water Loo) ରିଜିୟନ୍‌ର ମୁବଲ୍ଲିଗ୍ ଇଫ୍‌ତିଖାର୍ ସାହେବ କୁହନ୍ତି ୱକ୍‌ଫେ ଜଦିଦ୍ ଚାନ୍ଦା ଆଦାୟ କରିବାପାଇଁ ଅନେକ ଯମାତ୍ ଗସ୍ତ କରିବାକୁ ପଡ଼ିଥାଏ । ଏଥର ଲୋକମାନଙ୍କୁ ଆମେ କହିଲୁ ଯେ ଚାନ୍ଦାର ବିଶେଷତ୍ୱ ସ୍ପଷ୍ଟରୁପେ ଆପଣମାନଙ୍କୁ ବୁଝାଇବାରେ ଆମ ଦ୍ୱାରା ଅବହେଳା ହୋଇଛି । ତହ୍‌ରିକ୍ ଯଦିଦ୍‌ର ଘୋଷଣା କରିବାବେଳେ ମୁଁ କହିଥିଲି ଯେ, ସେରେଲିଓନ୍‌ରେ ବର୍ତମାନ ମଧ୍ୟ ଆହୁରି ଅଧିକ ଚାନ୍ଦା ଆଦାୟ କରିବାର ବିକଳ୍ପ ରହିଛି ଯଦି ସଦସ୍ୟବୃନ୍ଦଙ୍କୁ ପ୍ରୋସ୍ଥାହିତ କରାଯାଏ ତେବେ ସେମାନେ ଆହୁରି ଚାନ୍ଦା ଦେଇପାରିବେ ଅତଏବ ସେ ଏହି ବାର୍ତା ନେଇ ଯମାତ୍ ମାନଙ୍କର ଗସ୍ତ କଲେ ଏବଂ କହିଲେ, ଉପସ୍ଥିତ ଖଲିଫାଙ୍କ ଆହ୍ୱାନ ଯେ, ସେରେଲିଓନ୍ ବାସୀ ବେଶ୍ ପୁରାତନ ଅହେମଦୀ ସେମାନଙ୍କୁ ଅର୍ଥଦାନ କ୍ଷେତ୍ରରେ ଆଗକୁ ବଢ଼ିବା ଉଚିତ ନିଜର ଅଂଟା ଭିଡ଼ିବା ଉଚିତ । ଅବହେଳା ପ୍ରଦର୍ଶନ କରିବା ଠିକ୍ ନୁହେଁ ସେ କୁହନ୍ତି ଏକଥା ଶୁଣି ସଦସ୍ୟ ବୃନ୍ଦଙ୍କ ମଧ୍ୟରେ ଏକ ନବଉନ୍ମାଦନ ଓ ଉତେଜନା ସୃଷ୍ଟି ହୋଇଗଲା । ଫଳତଃ ସେମାନେ କେବଳ ୱକ୍‌ଫେ ଜଦିଦ୍‌ର ଚାନ୍ଦା ପଇଠ କଲେନାହିଁ ବରଂ ନିଜର ଅନ୍ୟାନ୍ୟ ଚାନ୍ଦା ମଧ୍ୟ ବଢ଼ାଇଦେଲେ । ସେଠାରେ ନଉଟନ୍ (Newton) ନାମୀ ଆଉ ଏକ ଅଂଚଳ ରହିଛି ସେଠାକାର ଅହେମଦୀଙ୍କ ସହ ଯୋଗାଯୋଗ କରାଗଲା ସେତେବେଳେ ସେହି ଦିନ ହିଁ ସେଠାରୁ ୧୩ ଲକ୍ଷ ଲିଓନ୍ ଅର୍ଥ ରାଶି ଚାନ୍ଦା ଆଦାୟ ହୋଇଗଲା । ଦୁଇଟି ଅହେମଦୀ ସ୍କୁଲ୍‌ର ଛାତ୍ରମାନେ ଗୋଟିଏ ଦିନରେ ତିନିଲକ୍ଷ ଲିଓନ୍ ୱକ୍‌ଫେ ଜଦିଦ୍‌ରେ ଚାନ୍ଦା ପଇଠ କରିଦେଲେ ଓ ପୁଣି ପରେ ଆଉ ଦୁଇଲକ୍ଷ ଟଙ୍କା ବଢ଼ାଇଦେଲେ । ସେଠିକାର ଜଣେ ଝିଅ (ଛାତ୍ରୀ) Muslim Fofanah ବାଳିକା ପଚାଶ ହଜାର ଲିଓନ୍ ପ୍ରଦାନ କରି ଖଲିଫତୁଲ୍ ମସିହ୍‌ଙ୍କ ସେବାରେ ଦୁଆ କରିବାର ଦରଖାସ୍ତ କରିଗଲେ । ପାଂଚଜଣ ଛାତ୍ର ମଜୁରୀ ଲାଗି ଯାହା ରୋଜଗାର କରିଥିଲେ ଅର୍ଥାତ ୫୦ ହଜାର ଲିଓନ୍ ତାହା ଆଣି ଚାନ୍ଦାରେ ପଇଠ କରିଗଲେ । ତେବେ ସେମାନେ ହେଉଛନ୍ତି ସେହି ଲୋକ ଯିଏ ଖଲିଫାଙ୍କ ଆହ୍ୱାନରେ ହାଜର ହୋଇ ଖଲିଫାଙ୍କ ସ୍ୱରରେ ସ୍ୱର ମିଶାଇଥାନ୍ତି । ସେମାନେ କଦାପି ଖଲିଫାଙ୍କୁ ଦେଖିନାହାନ୍ତି ବା ସାକ୍ଷାତ କରିନାହାନ୍ତି କିନ୍ତୁ ସେମାନଙ୍କ ହୃଦୟରେ ଖଲିଫାଙ୍କ ପ୍ରତି ଏଭଳି ପ୍ରେମ ଓ ମର୍ଯ୍ୟାଦା ଭରି ରହିଛି ଯଦ୍ୱାରା ସେମାନେ ସମସ୍ତ ପ୍ରକାର ବଳିଦାନ ପାଇଁ ସଙ୍ଗେ ସଙ୍ଗେ ପ୍ରସ୍ତୁତ ହୋଇଯାଆନ୍ତି । ସେ କୁହନ୍ତି ଆଉ ଏକ ଉଦାହରଣ ଶୁଣନ୍ତୁ ସେହି ଯମାତ୍‌ର ଜଣେ ସଦସ୍ୟ S.Bahଙ୍କ ଘରକୁ ଯାଇ ଚାନ୍ଦା ତାଙ୍କୁ ଦେବାକୁ କୁହାଗଲା ଓ ଖୁତ୍‌ବାର ଏକ ସନ୍ଦର୍ଭ ତାଙ୍କୁ ଶୁଣାଗଲା ସେଥିରେ ତାଙ୍କ ପତ୍ନୀ ଅତି ଭାବବିହ୍ୱଳ ହୋଇଗଲେ ଏବଂ କହିଲେ, ଏହା ସମ୍ପୂର୍ଣ୍ଣ ଠିକ୍ କଥା କିନ୍ତୁ ବିବଶତା ଯେ ଆଜି ଆମ ଘରେ କିଛିନାହିଁ । ସେ କୁହନ୍ତି ଇତି ମଧ୍ୟରେ କୌଣସି ଆଡୁ ତାଙ୍କ ନିକଟକୁ କିଛି ରାଶି ଆସିଗଲା ଯାହାର ସେ କଳନା ମଧ୍ୟ କରିନଥିଲେ । ଅତଏବ ସେ ସେହି କ୍ଷଣି ସେ ସମସ୍ତ ଅର୍ଥ ସେକ୍ରେଟାରୀ ମାଲ୍ ସାହେବଙ୍କୁ ପ୍ରଦାନ କରିଦେଲେ । ହିସାବ କରିବାରୁ ଜଣାଗଲା ତାହା ଦୁଇଲକ୍ଷ ଲିଓନ୍ ଯାହା ସେ ଟଙ୍କାଟିଏ ମଧ୍ୟ ନ ରଖି ଚାନ୍ଦାରେ ପଇଠ କରିଥିଲେ ଏବଂ ଅତ୍ୟନ୍ତ ଆଶ୍ୱସ୍ତ ଓ ପ୍ରସନ୍ନଚିତରେ ଅର୍ପଣ କରିଦେଲେ ଏବଂ ଏକଥା ଭାବିଲେ ନାହିଁ ଯେ ତାଙ୍କ ନିଜର ମଧ୍ୟ ଆବଶ୍ୟକତା ରହିଛି ଯାହା ତାଙ୍କୁ ପୁରଣ କରିବାକୁ ହେବ । ସେ କୁହନ୍ତି ଆମେ ତାଙ୍କୁ କହିଲୁ ଯେ ଘର ଖର୍ଚ୍ଚ ପାଇଁ କିଛି ରଖିନିଅ ପ୍ରତିଉତରରେ ସେ କହିଲେ କିଛି କଥା ନାହିଁ ଆପଣ ସମସ୍ତ ରାଶି ନେଇଯାଆନ୍ତୁ । ବାସ୍ତବିକ ପରମ ଦୟାଳୁ, କୃପାଳୁ, ଐଶ୍ୱର୍ଯ୍ୟମୟ ପ୍ରଭୁ ମଧ୍ୟ ତାଙ୍କର ଉଧାର ରଖିଲେନାହିଁ । କିଛି କ୍ଷଣ ପରେ ହିଁ ତାଙ୍କ ନିକଟକୁ ଅନ୍ୟଏକ ସ୍ଥାନରୁ କିଛି ଟଙ୍କା ଆସିଗଲା ଯଦ୍ୱାରା ତାଙ୍କ ଘରଖର୍ଚ୍ଚ ହୋଇଗଲା ।

କିର୍ଗିସ୍ତାନ ର ମୁବ୍‌ଲିଗ୍ ସାହେବ ଲେଖିଛନ୍ତି ଜଣେ ନିଷ୍ଠାପର ସ୍ଥାନିୟ ଅହେମଦୀ ଶ୍ରୀମାନ୍ କୁବତ୍ (Kubat) ସାହେବ୍ ବିଶ୍‌କେକ୍ (Bishkek)ରେ ରହୁଥିଲେ । ବିଶ୍‌କେକ୍ ଏକ ସ୍ଥାନ ଅଂଚଳର ନାମ । ସେ କୁହନ୍ତି ମୁଁ ୱକ୍‌ଫେ ଯଦିଦ୍‌ରେ ଏକ ହଜାର ରାଶି ଦେବାର ପ୍ରତିଶୃତି କରିଥିଲି । ୱକ୍‌ଫେ ଯଦିଦ୍‌ର ବର୍ଷ ଶେଷ ହେବାର ମାସେ ପୂର୍ବରୁ ଖୁତ୍‌ବାରେ ସଦର ସାହେବ୍ ୱକ୍‌ଫେ ଯଦିଦ୍‌ର ଚାନ୍ଦାର ଗୁରୁତ୍ୱ ଉପରେ ଆଲୋକପାତ କଲେ ଏବଂ ଖଲିଫାଙ୍କ ପୂର୍ବ ଖୁତ୍‌ବାର କିଛି ଘଟଣାବଳି ବର୍ଣ୍ଣନା କଲେ । ସେ କୁହନ୍ତି ସେତେବେଳେ ମୁଁ ମାତ୍ର ୨୦୦ ଟଙ୍କା ୱକ୍‌ଫେ ଯଦିଦ୍ ପାଣ୍ଠିରେ ଯମା କରିପାରିଥିଲି ଆହୁରି ୮୦୦ ଟଙ୍କା ମୋର ଯମା କରିବା ବାକିଥିଲା । ସେ କୁହନ୍ତି ମୋର ଜଣେ ରୋଗଗ୍ରସ୍ତ ଭଗିନୀ ଅଛନ୍ତି ଯାହାଙ୍କୁ ପ୍ରଶାସନ ପକ୍ଷରୁ ୪ ହଜାର ସୁମ୍ ଅର୍ଥରାଶି ଭତା ମିଳିଥାଏ । ଜୁମାପରେ ମୁଁ ନିଜ ଭଉଣୀର ପେନ୍‌ଶନ୍ ନେବାକୁ ଗଲି ଯେତେବେଳେ ମୁଁ ଏଟିଏମ୍ କାର୍ଡ଼ ପୁରାଇ ଦେଖିଲି ସେତେବେଳେ କଣ ଦେଖୁଛି ଯେ ଆକାଉଂଟରେ ଦଶହଜାର ସୁନ୍ ଅର୍ଥ ଆସିଯାଇଛି । ଏକମାସ ପୂର୍ବରୁ ମୋ ମାତା ପ୍ରଶାସନକୁ ପତ୍ର ଲେଖିଥିଲେ ଯେ, ଏହି ଅର୍ଥରେ ଆମ ଭରଣପୋଷଣ ହୋଇପାରୁନାହିଁ ଆମ ଭତା ବଢ଼ାଇ ଦିଆଯାଉ । ମୁଁ ଚିନ୍ତା କଲି ସମ୍ଭବତଃ ସେଥିଯୋଗୁଁ ପ୍ରଶାସନ ଅଧିକ ରାଶି ଆକାଉଂଟରେ ପଇଠ କରିଦେଇଛି । କିନ୍ତୁ ଆଜି ୨୯ ଡ଼ିସେମ୍ବର ସକାଳେ ମତେ ପ୍ରଶାସନ ତରଫରୁ ଫୋନ୍ ଆସିଲା କି ଆମେ ଆପଣଙ୍କୁ ଆଉ ୫ ହଜାର ସୁନ୍ ଦେବୁ ଅର୍ଥାତ ଆପଣଙ୍କ ମାତାଙ୍କ ପତ୍ରର ଉପରେ କାର୍ଯ୍ୟକାରୀ କରି ଉଚ୍ଚପଦାଧିକାରୀମାନେ ଆପଣଙ୍କର ଭଉଣୀଙ୍କ ପେନ୍‌ଶନ୍‌କୁ ୫ ହଜାର ବଢ଼ାଇ ଦେଇଛନ୍ତି । ଏପରି ଆହୁରି ଅଧିକ ୫ ହଜାର ସୁନ୍ ଆମକୁ ମିଳିଗଲା । ସେ କୁହନ୍ତି ସେଥିରେ ମୁଁ ନିଜ ଚାନ୍ଦା ମଧ୍ୟ ପଇଠ କରିଦେଲି । ଏଭଳି ଚାନ୍ଦା ଦେବା ଫଳରେ ପ୍ରଭୁଙ୍କ କଲ୍ୟାଣ ପ୍ରାପ୍ତ ହୋଇଥାଏ କିନ୍ତୁ ଏ ପର୍ଯ୍ୟନ୍ତ ସୁଦ୍ଧା ଜଣାନାହିଁ ଯେ ସେହି ଅଧିକ ରାଶି ଆମ ଆକାଉଂଟକୁ କେଉଁଠାରୁ ଆସିଥିଲା । ଏଭଳି ବଳିଦାନ ଅହେମଦୀଙ୍କ ବିଶ୍ୱାସକୁ ଅଧିକ ସୁଦୃଢ଼ କରିଥାଏ ।

ତାଞ୍ଜାନିଆର ଅମୀର ସାହେବ କୁହନ୍ତି: ଜାଞ୍ଜିବାର ଯମାତ୍‌ର ଖୈର୍ ରସିଦ୍ ସାହେବଙ୍କୁ ଯେତେବେଳେ ୱକ୍‌ଫେ ଯଦିଦ୍‌ର ଚାନ୍ଦା ଦେବାକୁ କୁହାଗଲା ସେତେବେଳେ ସେ କହିଲେ, ମୋର ରୋଜଗାର ନାହିଁ ନା ମୋ ନିକଟରେ ଅର୍ଥ ଅଛି କିନ୍ତୁ ମୁଁ ମୁବଲିଗ୍ ସାହେବଙ୍କୁ ନିବେଦନ କଲି କି ଆପଣ ମୋ ନାମ ସମ୍ପୂର୍ଣ୍ଣ ଚାନ୍ଦା ପଇଠ କରିଦେଇଥିବା ଲୋକମାନଙ୍କ ତାଲିକାରେ ଅନ୍ତର୍ଭୁକ୍ତ କରିଦିଅନ୍ତୁ । ପ୍ରଭୁ ବ୍ୟବସ୍ଥା କରିଦେବେ । ସେ କୁହନ୍ତି ଦୁଇ ଦିନ ପରେ

ମତେ ଡ୍ରାଇଭରର ଚାକିରି ମିଳିଗଲା । ପ୍ରଥମ ଦିନର ଆମଦାନୀରେ ହିଁ ମୁଁ ନିଜ ଓ ନିଜ ସନ୍ତାନମାନଙ୍କ ଚାନ୍ଦା ୱକ୍‌ଫେ ଯଦିଦ୍ ପଇଠ କରିଦେଲି । ତେବେ ମୋ ନିୟତ ଯୋଗୁଁ ମୋର ସ୍ଥାୟୀ ରୋଜଗାରର ପ୍ରଭୁ ବ୍ୟବସ୍ଥା କରିଦେଲେ । ଏ ସବୁ ଘଟଣା ହିଁ ଆମ ବିଶ୍ୱାସକୁ ଅଧିକ ସୁଦୃଢ଼ କରିଥାଏ ।

ତାଞ୍ଜାନିଆର ଅମୀର ସାହେବ ଲେଖିଛନ୍ତି: ଏରିଙ୍ଗା ରିଜିୟନ୍‌ର ତାହା ସାହେବ କୁହନ୍ତି ଚଳିତ ବର୍ଷ ଚାନ୍ଦା ୱକ୍‌ଫେ ଯଦିଦ୍ ପ୍ରସଙ୍ଗରେ ଅଦ୍ଭୁତ ପୂର୍ଣ୍ଣ ବିଭୁତିର ନିଦର୍ଶନ ଦେଖିବାକୁ ମିଳିଲା । ଚଳିତ ବର୍ଷ ପାଖାପାଖି ୬ ଲକ୍ଷ ସିଲଙ୍ଗ ଆଦାୟ କରିବାର ଥିଲା ଅର୍ଥାତ ଟାର୍ଗେଟ ଥିଲା । କିନ୍ତୁ ଅର୍ଥନୀତିର ବ୍ୟବସ୍ଥା ଦେଖି ସେ ମତେ ପତ୍ର ଲେଖିଲେ ଯେ ଦେଶିୟ ଅବସ୍ଥା ଓ କାରବାରର ସୋଚନୀୟତାକୁ ଦୃଷ୍ଟିରେ ରଖି ହଜୁର ଦୁଆ କରିବେ ଅଲ୍ଲାଃ ତାଲା ଏମାନଙ୍କୁ ୱକ୍‌ଫେ ଯଦିଦ୍‌ର ୱାଦା ପୂରଣ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆଗକୁ ଏଭଳି ଘଟଣାମାନ ଆସିବ ଯେ ଲୋକମାନେ କିଭଳି ନିଜ ଚାନ୍ଦା ପଇଠ କରିବାପାଇଁ ତହ୍‌ଯୁଦ୍‌ରେ ଉଠି ଉଠି ଦୁଆ କରିଥାନ୍ତି । ନଫିଲ୍ ନମାଜ ପାଠ କରିଥାନ୍ତି । ଏଥିପରିବର୍ତେ କି ନିଜ ବ୍ୟକ୍ତିଗତ ଆବଶ୍ୟକତା ପୂରଣ ହେଉ । ସେ କୁହନ୍ତି, ମୁଁ ପତ୍ର ଲେଖି ହିଁ ଥିଲି ଯେ, ମତେ ଆଶ୍ୱସ୍ତି ଲାଭ ହେଲା ଯେ ଇନ୍‌ଶାଅଲ୍ଲାଃ ତାଲା ବ୍ୟବସ୍ଥା ହୋଇଯିବ ଅର୍ଥାତ ଟାର୍ଗେଟ ପୁରା ହୋଇଯିବ । ପତ୍ର ଲେଖିବାକୁ ୨୪ ଘଂଟା ହିଁ ଅତିବାହିତ ହୋଇଥିବ ଯେ ଜଣେ ବନ୍ଧୁ ନିଜ କାରବାର ପ୍ରସଙ୍ଗରେ ମୋ ସହିତ ପରାମର୍ଶ କଲେ କଥାବାର୍ତାରୁ ଆମେ ଦୁହେଁ ଜାଣିବାକୁ ପାଇଲୁ ଯେ, ୧୫ ବର୍ଷ ପୂର୍ବେ ଆମେ ସହପାଠୀ ଥିଲୁ । ସେ କୁହନ୍ତି ଆମ ପରାମର୍ଶ ଯୋଗୁଁ ଯେଉଁ କଂଟ୍ରାକ୍ଟ ମିଳିଲା ସେଥିରେ ଅଲ୍ଲାଃଙ୍କ କୃପାରୁ ୬ ମିଲିୟନ୍ ସିଲଙ୍ଗ ଲାଭ ହେଲା । ଯାହାକି ମୋ ଚାନ୍ଦାର ଦଶଗୁଣ ଥିଲା, ଯାହାର ଆଡ଼ଭାନ୍ସ ମିଳିବା ମାତ୍ରେ ସର୍ବପ୍ରଥମେ ମୁଁ ୱକ୍‌ଫେ ଯଦିଦ୍‌ର ଚାନ୍ଦା ପଇଠ କରିଦେଲି ।

ଜଞ୍ଜିବାରରୁ ଜଣେ ନବାଗତ ଅହେମଦୀ ହେଉଛନ୍ତି ଯୁମା ସାହେବ୍ ସେ ପରିବାମଣ୍ଡିରେ ମୁଲ ଲାଗିଥାନ୍ତି, ସେ କୁହନ୍ତି ତାଙ୍କୁ ଯେତେବେଳେ ୱକ୍‌ଫେ ଯଦିଦ୍ ଚାନ୍ଦା ପଇଠ କରିବା ସମ୍ପର୍କରେ ଆହ୍ୱାନ ଦିଆଗଲା ସେତବେଳକୁ ତାଙ୍କର ଭାରବୁହାର ଆୟ ସମ୍ପୂର୍ଣ୍ଣରୂପେ ଠପ ହୋଇଯାଇଥିଲା । ସେ ଗାଡ଼ି ଉପରେ ଲୋଡ଼ିଙ୍ଗ ଓ ଅନ୍‌ଲୋଡ଼ିଙ୍ଗ୍‌ର କାମ କରି ନିଜ ପରିବାର ପୋଷଣ କରିଥାନ୍ତି । ତାଙ୍କର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶଙ୍କୁଚିତ ହୋଇପଡ଼ିଥିଲା ତେଣୁ ମୁଁ ତାଙ୍କୁ ନମାଜ ତହ୍‌ଜୁଦ୍ ପଢ଼ିବାପାଇଁ କହିଲି କି ନମାଜ ତହ୍‌ଜୁଦ୍ ପଢ଼ନ୍ତୁ ଓ ଅଲ୍ଲାଃ ତାଲାଙ୍କ ଶରଣେ ପେଟପାଟଣା ଓ ଅନ୍ୟାନ୍ୟ ଆବଶ୍ୟକତା ପୂରଣ କରିବା ପ୍ରସଙ୍ଗରେ ଦୁଆ କରନ୍ତୁ । ଅତଏବ ସେ କୁହନ୍ତି କି କିଛିଦିନ ମୁଁ ନମାଜ ତହ୍‌ଜୁଦ୍‌ରେ ଅଲ୍ଲାଃତାଲାଙ୍କ ନିକଟରେ ଚାନ୍ଦା ପଇଠ କରିବାପାଇଁ ବିଶେଷରୂପେ ଦୁଆ କଲି ଅଲ୍ଲାଃ ତାଲାଙ୍କ ନିକଟରେ ନମାଜ ତହ୍‌ଜୁଦ୍‌ରେ ଏହି ଦୁଆ କଲି କି ହେ ଈଶ୍ୱର !, ହେ ପ୍ରଭୁ ! ମୁଁ ସବୁ କ୍ଷେତ୍ରରେ ପଛେଇ ଯାଇଛି କିନ୍ତୁ ତୁମେ ନିଜ ଧର୍ମ ମାର୍ଗରେ ଅର୍ଥ ଦାନ କରିବାକୁ ମତେ ସାମର୍ଥ୍ୟ ପ୍ରଦାନ କର ସୁତରାଂ ୱକ୍‌ଫେ ଯଦିଦ୍‌ର ଆର୍ଥିକ ବର୍ଷ ସମାପ୍ତ ହେବାର ଦୁଇ ତିନ ପୂର୍ବରୁ ବ୍ୟବସାୟ ବାଣିଜ୍ୟରେ ଯେଉଁ କାର୍ଯ୍ୟଟି ବ୍ୟାହତ ହୋଇଥିଲା ତାହା ପୂନର୍ବାର ଆରମ୍ଭ ହୋଇଗଲା ଏବଂ ପ୍ରାୟ ୩ ଲକ୍ଷ ସିଲଙ୍ଗ ତାଙ୍କର ଆୟ ହୋଇଗଲା । ସେ କୁହନ୍ତି ଉକ୍ତ ଆୟରୁ ମୁଁ ମୋ ସନ୍ତାନ ଓ ପତ୍ନୀର ତଥା ନିଜର ଚାନ୍ଦା ପଇଠ କରିଦେଲି । ସେ କୁହନ୍ତି ଯେ ମୁଁ ଯେବେଠୁ ବୟତ କରିଛି ଚାନ୍ଦା ଦେବା ଯୋଗୁଁ ଅଲ୍ଲାଃ ତାଲା ମୋ ଧନଜୀବନରେ ଅସାଧାରଣ ବର୍‌କତ୍ ପ୍ରଦାନ କରିଦେଇଛନ୍ତି । ଏମାନେ ହେଉଛନ୍ତି ସେହି ସବୁ ଉତ୍ସର୍ଗୀ ଯେଉଁମାନଙ୍କୁ ନିଜ ଚାନ୍ଦା ପଇଠ କରିବାର ଚିନ୍ତା ଘାରିଥାଏ ଏବଂ ଯେପରି ମୁଁ ପୂର୍ବେ କହିଲି ସେ ନମାଜ ତହ୍‌ଜୁଦ୍‌ରେ ବିଶେଷରୂପେ ଦୂଆ କରୁଛନ୍ତି କି ପ୍ରଭୁ ତାଙ୍କୁ ଚାନ୍ଦା ପଇଠ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଜଣେ ସଂସାର ପ୍ରେମୀ ଉକ୍ତ କଥା ଶୁଣି କହିପାରିବ ଯେ, ଏ ତ ବଡ଼ ବିଚିତ୍ର ପ୍ରକାର ପାଗଳାମି କିନ୍ତୁ ଏହି ଲୋକମାନେ ଯେଉଁମାନେ ସଂସାରବାସୀଙ୍କ ଦୃଷ୍ଟିରେ ମୂର୍ଖ ଏହି ମୂର୍ଖ ବ୍ୟକ୍ତିଙ୍କୁ ଅଲ୍ଲାଃ ତାଲା ପ୍ରେମ କରନ୍ତି ଏବଂ ସେମାନଙ୍କର ଆବଶ୍ୟକତା ମଧ୍ୟ ସ୍ୱୟମ ପୁରଣ କରିଦେଇଥାନ୍ତି ଅତଏବ ରିପୋର୍ଟରେ ଅତ୍ୟନ୍ତ ବିଚିତ୍ର ପ୍ରକାର ଘଟଣା ଦେଖିବାକୁ ମିଳିଥାଏ ।

ଗାମ୍ବିୟାର ଅମିର ସାହେବ ଉଲ୍ଲେଖ କରିଛନ୍ତି କି ନର୍ଥ ବେଙ୍କ ଅଚଂଳର ଏକ ଗ୍ରାମର ଇବ୍ରାହିମ୍ ସାହେବ୍ ଜଣେ ବ୍ୟବସାୟି ବ୍ୟକ୍ତି ଲୋକମାନେ ଯେତେବେଳେ ତାଙ୍କ ନିକଟରେ ନିଜ ସନ୍ତକ (ଅମାନତ) ରଖୁଥିଲେ ସେ ସେତେବେଳେ ଗୈର୍ ଅହେମଦୀ ଥିଲେ । କେତେକ କାରଣ ମାନ ଯୋଗୁଁ ସେ ହଠାତ୍ ଦେବାଳିଆ ହୋଇଗଲେ କାରଣ ନିଜ ବ୍ୟବସାୟକୁ ବଂଚାଇବାକୁ ଯାଇ ଲୋକମାନଙ୍କ ସନ୍ତକ (ଅମାନତ) ମଧ୍ୟରୁ ଖର୍ଚ୍ଚ କରିଦେଇଥିଲେ । ଯେତେବେଳେ ତାଙ୍କ ମନରେ ଏହି ଆଶଙ୍କା ଉତ୍ପନ ହେଲା ସେ ଆଉ ଲୋକଙ୍କ ସନ୍ତକ ଫେରସ୍ତ କରିପାରିବେ ନାହିଁ ସେତେବେଳେ ସେ ନିଜ ଭିଟାମାଟି କନାକାରିକୁ ଚାଲିଗଲେ ଓ ନିଜକୁ ପଳାତକ ଘୋଷିତ କଲେ ଓ ସେ ତିନିବର୍ଷ କାଳ ଧରି କନାକାରୀ ଠାରେ କାଳାତିପାତ କରିଥିଲେ । ଏହାପରେ ସେ ଏହି ନିଷ୍ପତି ନେଲେ ଯେ ସେ ଦେଶକୁ ଫେରିଯିବେ ଏବଂ ଲୋକମାନଙ୍କର ସନ୍ତକ ଫେରସ୍ତ କରିବେ । ତାଙ୍କ ମନରେ ପୂଣ୍ୟଥିଲା ତେଣୁ ସେ ଫେରିଯିବାକୁ ନିଷ୍ପତି ନେଲେ ଏବଂ ଫେରିଯାଇ ପରିସ୍ଥିତିର ମୁକାବିଲା କଲେ । ଯେତେବେଳେ ଯେ କୌଣସି ମତେ ଲୋକଙ୍କ ଋଣ ପରିଶୋଧ କରିବାର ମନସ୍ଥ କରିନେଲେ ସେତେବେଳେ ସେ ଲୋକମାନଙ୍କୁ ଫୋନ୍ କରି ଅନୁରୋଧ କଲେ କି ମତେ ଗୋଟେ ସୁଯୋଗ ଦିଅନ୍ତୁ ଏବଂ ମତେ ପୋଲିସ ହାତରେ ଟେକି ଦିଅନ୍ତୁ ନାହିଁ । ମୁଁ ଚେଷ୍ଟା କରିବି ଯେ ଆପଣଙ୍କ ଋଣ ପରିଶୋଧ କରିଦେବି । ଅତଏବ ଉଭୟ ଜିଲ୍ଲା ଓ ଗ୍ରାମର ମୂଖ୍ୟ ତାଙ୍କୁ ଏହି ସର୍ତରେ ଆସିବାକୁ ଅନୁମତି ପ୍ରଦାନ କଲେ କି ସେ ପରିଶ୍ରମ କରି ରୋଜଗାର କରିବେ ଓ ଲୋକମାନଙ୍କର ସନ୍ତକକୁ ଫେରସ୍ତ କରିବେ ଯଦି ସେ ଏପରି ନ କରିପାରନ୍ତି ତାହେଲେ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯିବ । ସେ ଉଲ୍ଲେଖ କରନ୍ତି କି ତାଙ୍କୁ ଆସିବାକୁ ବର୍ତମାନ ଅଧିକ ସମୟ ବିତିନଥିଲା କି ତାଙ୍କ ନିକଟରେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ବାର୍ତା ପଂହଚିଲା ତାହାକୁ ଶୁଣି ସେ ଅହେମଦୀୟତ ଗ୍ରହଣ କରିନେଲେ ଓ ନିୟମିତ ରୂପେ ଚାନ୍ଦା ପଇଠ କରିବାକୁ ଆରମ୍ଭ କରିଦେଲେ । ଯାହା ବି ସେ ଆୟ ବା ଆମଦାନୀ କରୁଥିଲେ । ଅଲ୍ଲାଃ ତାଲାଙ୍କ କୃପାରୁ ଚାନ୍ଦା ପଇଠ କରିବାଯୋଗୁଁ ତାଙ୍କର କାର୍ଯ୍ୟରେ ଏତେ ବର୍‌କତ୍ ହେଲା କି ଦୁଇବର୍ଷ ମଧ୍ୟରେ ସେ କେବଳ ନିଜର ଋଣ ପରିଶୋଧ କରିନଥିଲେ ବରଂ ସମସ୍ତ ଲୋକଙ୍କଠାରୁ ଯାହାବି ସେ ଋଣ ନେଇଥିଲେ ତାହା ପରିଶୋଧ କରିଦେଲେ । ଯାହାକି ପାଖାପାଖି ୨ ଲକ୍ଷ ଡ଼ଲାସି ଥିଲା । କେବଳ ଏତିକି ନୁହେଁ ଏହା ବ୍ୟତିତ ସେ ନିଜର ବାସଗୃହଟିଏ ମଧ୍ୟ ନିର୍ମାଣ କରିନେଲେ ଓ ଦୋକାନ ମଧ୍ୟ ପୂର୍ନବାର ସ୍ଥାପନ କରିନେଲେ । ବର୍ତମାନ ତାଙ୍କର କାମ ପୂର୍ବାପେକ୍ଷା ଅଧିକ ଜୋର୍‌ସୋର୍‌ରେ ଅଗ୍ରସର ହେଉଛି । ସେ ନିଜେ କୁହନ୍ତି କି ଏହା ସବୁ ହେଉଛି ଚାନ୍ଦା ଦେବାର ବର୍‌କତ୍ ।

ଅଷ୍ଟ୍ରେଲିଆ ଯମାତ୍‌ର ଆଉ ଜଣେ ଲଜ୍‌ନା ସଦସ୍ୟ କୁହନ୍ତି ଆମେମାନେ ଯେତେବେଳେ ନୂତନ ବାସଗୃହକୁ ସ୍ଥାନାନ୍ତରିତ ହେଲୁ ଆମର ଆର୍ଥିକ ଅବସ୍ଥା ସେତେଟା ସ୍ୱଚ୍ଛଳ ନଥିଲା । ଘରର ଭଡ଼ା ମଧ୍ୟ ଅଧିକ ଥିଲା ମୋ ନିକଟରେ ଏତେ ପଇସା ନଥିଲା କି ମୁଁ ଆବଶ୍ୟକ ଜିନିଷପତ୍ର କ୍ରୟ କରିପାରିବି ଅନ୍ୟ ପଟରେ ଚାନ୍ଦାର ବର୍ଷ ମଧ୍ୟ ଶେଷ ହେଉଥିଲା । ମୁଁ ଅଲ୍ଲାଃଙ୍କ ଉପରେ ବିଶ୍ୱାସ ସ୍ଥାପନ କରି ଚାନ୍ଦା ଦେଇଦେଲି ଏବଂ ଦୁଆ କଲି ଯେ ହେ ଅଲ୍ଲାଃ ! ମୁଁ କାହାର ଆଶ୍ରିତ ନ ରହେ । ତୁମେ ହିଁ ମୋର ସମସ୍ତ ଆବଶ୍ୟକତାକୁ ପୂରଣ କରିଦିଅ । ସେ ହେଉଛନ୍ତି ଜଣେ ସଂସାରପ୍ରେମୀ ଅର୍ଥାତ ଈଶ୍ୱରଙ୍କୁ ଛାଡ଼ି ସଂସାରରେ ମାତି ରହିଥିବା ଦେଶର ଅଧିବାସୀ । କୌଣସି ଗରୀବ ଦେଶର ସେ ମହିଳା ନୁହନ୍ତି ବରଂ ସେ ଧନିକ ରାଷ୍ଟ୍ରରେ ରହୁଥିଲେ ଅତଏବ ସେ ଦୁଆ କଲେ କି ହେ ପ୍ରଭୁ ମୁଁ କାହାରି ସାହାଯ୍ୟ ଲୋଡ଼େନାହିଁ ତୁମେ ହିଁ ମୋର ସାହାଭରଷା ମୋର ସାହା ହୁଅ ସେ କୁହନ୍ତି, ସେହିଦିନ ସନ୍ଧ୍ୟାରେ ମୋ ସ୍ୱାମୀ ଆସିଲେ ମତେ କିଛି ଟଙ୍କା ପ୍ରଦାନ କଲେ ଓ କହିଲେ ଆଜି ମୋର ଅଫିସରଙ୍କ ପକ୍ଷରୁ ମତେ ଏହି ବୋନସ୍ ପ୍ରାପ୍ତ ହୋଇଛି ଏହି ବୋନସ୍ କେବଳ ମତେ ହିଁ ପ୍ରାପ୍ତ ହୋଇଛି ଅନ୍ୟ କୌଣସି କର୍ମଚାରୀଙ୍କୁ ଦିଆଯିଆନାହିଁ । ଅତଏବ ଉକ୍ତ ବୋନସ୍‌ଟି ମୋର ଚାନ୍ଦାର ଅର୍ଥଠାରୁ ଦୁଇଗୁଣ ଅର୍ଥ ଥିଲା । ସେ କୁହନ୍ତି ଯେ ଅଲ୍ଲାଃ ତାଲାଙ୍କର ଏଭଳି କୃପା ହେଲା କି ମୁଁ ସ୍ତବ୍ଧ ହୋଇଗଲି ଏବଂ ମୋର ଅଲ୍ଲାଃ ତାଲାଙ୍କ ଉପରେ ପୂର୍ଣ୍ଣ ଆସ୍ଥା ଆସିଗଲା କି ଅଲ୍ଲାଃ ତାଲାଙ୍କ ଉଦ୍ଦେଶ୍ୟରେ କରାଯାଇଥିବା ବଳିଦାନକୁ ଅଲ୍ଲାଃ ତାଲା କେବେବି ବ୍ୟର୍ଥ ହେବାକୁ ଦିଅନ୍ତି ନାହିଁ ।

ଭାରତରୁ କମ୍‌ରୁଦ୍ଦିନ୍ ସାହେବ ସେ ଆମର ଜଣେ ଚାନ୍ଦା ଇନିସ୍‌ପେକ୍ଟର, ସେ ଉଲ୍ଲେଖ କରିଛନ୍ତି ଯେ ଆର୍ଥିକ ବର୍ଷର ପରିସମାପ୍ତିରେ ନାଜିମେ ୱକ୍‌ଫେ ଯଦିଦ୍‌ଙ୍କ ସହିତ ଆମେ କାଲିକଟ୍ ଯମାତ୍‌ର ଯାତ୍ରା କଲୁଁ ଏହି ସମୟରେ ଜଣେ ଅହେମଦୀ ହନିଫ୍ ଅହେମଦ୍ ସାହେବଙ୍କ ଘରକୁ ଆମେ ଗଲୁ ସେ ଆଠବର୍ଷ ପୂର୍ବେ ବୟତ କରିଥିଲେ ଓ ସାମାନ୍ୟ ମୂଲ ଲାଗି ପେଟପାଟଣା କରୁଥିଲେ । ଯେତେବେଳେ ଆମେ ତାଙ୍କ ଘରେ ପହଂଚିଲୁ ତାଙ୍କର ଦଶବର୍ଷିୟ ପୁତ୍ର ମଦ୍‌ଲାଜ୍ ଅଲୀ ନିଜର ବୁଗି ଅର୍ଥାତ ଠଣା ନେଇ ଆସିଲା ଏବଂ ୱକ୍‌ଫେ ଯଦିଦ୍‌ର ଚାନ୍ଦା ଯମା କରାଇ କହିଲା କି ସେ ଏହି ଚାନ୍ଦା ୱକ୍‌ଫେ ଯଦିଦ୍ ପାଇଁ ବର୍ଷ ସାରା ଏକତ୍ରିତ କରି ରଖିଛି । ଯେତେବେଳେ ସେହି ଠଣା ଭଙ୍ଗାଗଲା ସେତେବେଳେ ସେହି ଠଣାରୁ ଏକ ବିପୁଳ ପରିମାଣର ଅର୍ଥ ବାହାରିଲା । ନାଜିମ୍ ସାହେବ ସେହି ପିଲାକୁ ପଚାରିଲେ କି ପ୍ରାୟତଃ ପିଲାମାନେ ପଇସା ଏଥିପାଇଁ ଏକତ୍ରିତ କରନ୍ତି କି ସେମାନେ ସଂଚୟ କରନ୍ତି କି ସେମାନେ ନିଜ ମନପସନ୍ଦର ଜିନିଷ କିଣିନେବେ କିନ୍ତୁ ତୁମେ ଏହି ସମସ୍ତ ପଇସାକୁ ୱକ୍‌ଫେ ଯଦିଦ୍‌ର ଚାନ୍ଦାରେ କାହିଁକି ପଇଠ କରୁଛ ? ପ୍ରତିଉତରରେ ସେହି ବାଳକ ଏପରି କହିଲା ଯାହାର ଅର୍ଥ ଏହା ଥିଲା କି ଅଲ୍ଲାଃ ତାଲା ଓ ତାଙ୍କ ରସୁଲ୍ ତଥା ତାଙ୍କ ସମ୍ମାନୀୟ ଖଲିଫାମାନେ ତ ଅଲ୍ଲାଃ ତାଲାଙ୍କ ମାର୍ଗରେ ବ୍ୟୟ କରିବାର ଉପଦେଶ ଦିଅନ୍ତି ଏଣୁ ଏହି ସମସ୍ତ ଅର୍ଥକୁ ୱକ୍‌ଫେ ଯଦିଦ୍‌ର ଚାନ୍ଦାରେ ମୁଁ ଦେଉଅଛି । ଏହା ହେଉଛି ଅହେମଦୀ ବାଳକମାନଙ୍କର ସଂସ୍କାର । ଅତଏବ ଯେଉଁ ଯମାତ୍‌ର ପିଲାମାନଙ୍କର ଏଭଳି ଚିନ୍ତାଧାରା ରହିଛି ଏଭଳି ମନୋଭାବ ଓ ସଂସ୍କାର ରହିଛି ତାହାକୁ ଏହି ଅହେମଦୀ ବିରୋଦ୍ଧିମାନେ କିଭଳି କ୍ଷତି ପହଂଚାଇ ପାରିବେ ? ବିରୋଧିମାନେ ପଛେ ଯେତେ ବଳ ପ୍ରୟୋଗ କରିନିଅନ୍ତୁ କିନ୍ତୁ ଅଲ୍ଲାଃ ତାଲା ଏହି ଯମାତ୍‌କୁ ସଂସାରରେ ପରିବ୍ୟାପ୍ତ କରିଦେବେ ଏଣୁ ପ୍ରତ୍ୟେକ ଅବସରରେ ଅଲ୍ଲାଃ ତାଲା ହିଁ ଏହି ଯମାତ୍‌କୁ ସମ୍ଭାଳି ନେବେ ଏବଂ ସହଯୋଗ ଓ ସାହାଯ୍ୟ କରିବେ ଅତଏବ ଯମାତ୍‌ର ଏହି ଆଗାମି ପିଢ଼ୀରେ ଅଲ୍ଲାଃ ତାଲା ଯେଉଁ ସ୍ପୃହା ସଂଚାର କରିଦେଇଛନ୍ତି ତାହାକୁ ଅହେମଦୀ ବିରୋଧିମାନେ କିଭଳି ନଷ୍ଟ କରିପାରିବେ ।

ତାଞ୍ଜାନିଆର ଅମୀର ସାହେବ ଉଲ୍ଲେଖ କରନ୍ତି କି ପଡ଼ୋଶୀ ରାଷ୍ଟ୍ର ମାଲାୱି (Malawi) ର ମଙ୍ଗୁଚି (Manguchi) ଯମାତ୍‌ର ମୁଅଲିମ୍ ସାହେବ ଉଲ୍ଲେଖ କରନ୍ତି କି ଇବ୍ରାହିମ୍ ସାହେବ ନାମକ ଜଣେ ବନ୍ଧୁ ମାଂସ ବ୍ୟାପାର କରନ୍ତି । ସେ ଚଳିତ ବର୍ଷ ୱକ୍‌ଫେ ଯଦିଦ୍‌ର ୫ ହଜାର ୮ ଶହ ମଲାୱିନ୍ ଚାନ୍ଦା ପଇଠ କରିବା ପାଇଁ ୱାଦା ଲେଖାଇଥିଲେ । ଚଳିତ ବର୍ଷ ଡ଼ିସେମ୍ବର ମାସ ପର୍ଯ୍ୟନ୍ତ ଅଳ୍ପ ଅଳ୍ପ କରି ଚାନ୍ଦା ପଇଠ କରିଥିଲେ । ଆଉ କିଛି ଚାନ୍ଦା ଦେବାକୁ ବାକି ରହିଯାଇଥିଲଶ । କିନ୍ତୁ ଦେଶର ପରିସ୍ଥିତି ଭଲ ନଥିବାରୁ ଅର୍ଥାତ କରୋନା ଯୋଗୁଁ ବ୍ୟବସାୟ ଠପ୍ ହୋଇଗଲା ଅତଏବ ସେ ଧାର କରଜ ଆଣି ନିଜର ୱାଦା ପୂରଣ କରିଦେଲେ । ଗୋଟିଏ ସପ୍ତାହ ପରେ ସେ ପୂର୍ନବାର କାମ ଆରମ୍ଭ କରିବାପାଇଁ ଗୋଟିଏ ଛେଳି କିଣିଲେ ଯେପରି ସେ ସେହି ଛେଳିର ମାଂସକୁ ବିକ୍ରି କରିପାରିବେ । ଅତଏବ କିଛି ଦିନ ମଧ୍ୟରେ ତାଙ୍କ ଚାନ୍ଦାରେ ଏତେ ବର୍‌କତ୍ ପଡ଼ିଲା କି ତାଙ୍କର ସମସ୍ତ ଋଣ ପରିଶୋଧ ହୋଇଗଲା । ସୁତରାଂ ଗରୀବ ଲୋକମାନେ ଯେଉଁମାନେ ଅଲ୍ଲାଃ ତାଲାଙ୍କ ଉପରେ ଆସ୍ଥା ରଖି ଅର୍ଥ ବଳିଦାନର ମନୋଭାବ ରଖି ଚାନ୍ଦା ପଇଠ କରିଥାନ୍ତି ଅଲ୍ଲାଃ ତାଲା ନିଜର କୃପା ଅବତୀର୍ଣ୍ଣ ମଧ୍ୟ କରିଦିଅନ୍ତି । ବର୍ତ୍ତମାନ ଦେଶର ପରିସ୍ଥିତି ସେହିଭଳି ରହିଛି କିନ୍ତୁ ଅଲ୍ଲାଃ ତାଲା ସେମାନଙ୍କର ସ୍ଥିତାବସ୍ଥାକୁ ସମ୍ପୁର୍ଣ୍ଣରୂପେ ପରିବର୍ତ୍ତନ କରିଦେଇଛନ୍ତି ।

ମାଲାୱି ଦେଶର ମୱାଲା (Mawala) ଯମାତ୍‌ର ମୁଅଲିମ୍ ସାହେବ୍ କୁହନ୍ତି: ଆମ ଯମାତ୍‌ର ମଟେମ୍ବା (Matemba) ନାମକ ଜଣେ ବିଧବା ମହିଳା ସେ ପ୍ରତ୍ୟେକ ବର୍ଷ ନିଜ ସାମର୍ଥ୍ୟ ଅନୁଯାୟୀ ଚାନ୍ଦା ପଇଠ କରନ୍ତି । ଚଳିତ ବର୍ଷ ୱକ୍‌ଫେ ଯଦିଦ୍ ପାଇଁ କିଛି ଅର୍ଥ ୱାଦା କରିଥିଲେ ଏବଂ ଚଳିତ ବର୍ଷ ଅନ୍ୟ ମହିଳାମାନଙ୍କ ଆଗରୁ ହିଁ ସମ୍ପୁର୍ଣ୍ଣ ଚାନ୍ଦା ପଇଠ କରିବାର ସାମର୍ଥ୍ୟ ମଧ୍ୟ ତାଙ୍କୁ ପ୍ରାପ୍ତ ହୋଇଥିଲା । ସେ ଯେଉଁ ଦିନ ନିଜର ଚାନ୍ଦା ସମ୍ପୁର୍ଣ୍ଣରୂପେ ପଇଠ କଲେ ସେଦିନ ରାତିରେ ସ୍ୱପ୍ନରେ ଦେଖିଲେ କି ତାଙ୍କୁ କୁହାଗଲା କି ଆଜିଠାରୁ ତୁମ କାର୍ଯ୍ୟରେ ଅଲ୍ଲାଃ ତାଲା ସାହାଯ୍ୟ କରିବେ । ସୁତରାଂ ପରବର୍ତ୍ତୀ ଦିନ ସେ ମୁଅଲିମ୍ ସାହେବଙ୍କ ନିକଟକୁ ଆସିଲେ ଓ ୱକ୍‌ଫେ ଯଦିଦ୍‌ର ଚାନ୍ଦାରେ ଆଉ କିଛି ଅର୍ଥ ମଧ୍ୟ ପ୍ରଦାନ କରିଗଲେ । ମଟେମ୍ବା ସାହେବ କୁହନ୍ତି କି ଚାନ୍ଦାର ବର୍‌କତ୍ ଯୋଗୁଁ ଅଲ୍ଲାଃ ତାଲା ମୋ ଫସଲରେ ଅସାଧାରଣ ଅଭିବୃଦ୍ଧି ଘଟାଇଲେ ଓ ବର୍ତ୍ତମାନ ସେ ମତେ ସ୍ୱୟମ କହିଦେଇଛନ୍ତି ଯେ, ସେ ମୋର ସାହାଯ୍ୟ କରିବେ । ବେଳେବେଳେ ଅଲ୍ଲାଃ ତାଲା ତ୍ୱରିତ ଭାବରେ ବିଶ୍ୱାସରେ ଅଭିବୃଦ୍ଧି ମଧ୍ୟ ଉତ୍ପନ୍ନ କରିଦେଇଥାନ୍ତି ।

ଅଲ୍‌ବାନିଆର ମୁବ୍‌ଲିଗ୍ ସାହେବ ନବାଗତ ଅହେମଦୀ ମାଇକେଲ୍ସ ବେୟା ସାହେବଙ୍କ ସମ୍ପର୍କରେ ଉଲ୍ଲେଖ କରନ୍ତି ଯେ, ସେ ମହୋଦୟ ତିନିବର୍ଷ ପୂର୍ବେ ବୟତ କରିଥିଲେ । ସେ ଯମାତ୍‌ର ସେକ୍ରେଟାରୀ ତବ୍‌ଲିଗ୍ ରୂପେ ମଧ୍ୟ ଦାୟିତ୍ୱ ସମ୍ପାଦନ କରୁଛନ୍ତି । ସେ ଜଣେ ସକ୍ରିୟ ସେବକ । ଦିନେ ମହୋଦୟ ନିଜ ସହିତ ଏକ ଡ଼ବା ଧରି ଆସିଲେ ସେହି ଡ଼ବାଟି ପଇସା ଦ୍ୱାରା ପରିପୂର୍ଣ୍ଣ ଥିଲା । ସେ କହିଲେ କି ଏକମାସ ହେଲା ଉକ୍ତ ଡ଼ବାଟିକୁ ନିଜ ଗାଡ଼ିରେ ଏହି ଉଦ୍ଦେଶ୍ୟରେ ରଖିଥିଲି ଯେ ସେହି ଡ଼ବାରେ ଯେତେ ପଇସା ସଂଚୟ ହେବ ଯମାତ୍‌ର ଚାନ୍ଦା ପାଇଁ ପଇଠ କରିଦେବି । ଅତଏବ ଯେତେବେଳେ ସେ ପ୍ରଥମଥର ପାଇଁ ପରିପୂର୍ଣ୍ଣ ଥିବା ଡ଼ବାଟିକୁ ଆଣିଲେ ସେତେବେଳେ ଏକ ଭାଗ ନିଜର ଚାରିମାସିୟ ପୁତ୍ର ବେରୋନ୍ ବେୟା ତରଫରୁ ତହ୍‌ରିକ୍-ଏ ଯଦିଦ୍ ଓ ୱକ୍‌ଫେ ଯଦିଦ୍‌ରେ ଚାନ୍ଦାରେ ଦେଇଦେଲେ । ଅବଶିଷ୍ଟ ଟଙ୍କା ନିଜ ତରଫରୁ ତହ୍‌ରିକ୍-ଏ ଯଦିଦ୍, ୱକ୍‌ଫେ ଯଦିଦ୍ ଓ ଅନ୍ୟାନ୍ୟ ବାଧ୍ୟତାମୂଳକ ଚାନ୍ଦା ଗୁଡ଼ିକରେ ପଇଠ କରିଦେଲେ । ଏହାପରେ ସେ ପ୍ରତିମାସ ପରିପୂର୍ଣ୍ଣ ଡ଼ବା ଧରି ଆସୁଛନ୍ତି । ୱକ୍‌ଫେ ଯଦିଦ୍ ଅବସରରେ ଡ଼ିସେମ୍ବରର ଶେଷ ଜୁମାରେ ମଧ୍ୟ ତାଙ୍କ ସାମର୍ଥ୍ୟ ଅନୁଯାୟୀ ଏକ ବିପୁଳ ପରିମାଣର ଅର୍ଥ ବଳିଦାନ ଦେଇଥିଲେ । ଅହେମଦୀ ହେବାପରେ ନବାଗତ ଅହେମଦୀଙ୍କ ମନରେ ଅର୍ଥ ତ୍ୟାଗ ପାଇଁ ଏକ ସ୍ପୃହା ସୃଷ୍ଟି ହୋଇଯାଇଛି ତାହା ଏଥିପାଇଁ କି ସେମାନେ ଅଲ୍ଲାଃ ତାଲାଙ୍କ ନିଦର୍ଶନକୁ ଅବଲୋକନ କରିଛନ୍ତି ଓ ଅଲ୍ଲାଃଙ୍କ କୃପାକୁ ଅବତୀର୍ଣ୍ଣ ହେବାର ଅଭିଜ୍ଞତା ସେମାନଙ୍କର ରହିଛି ।

ୟୁକେରୁ ଚିମ୍ (Cheam) ର ସଦର୍ ଯମାତ୍ କୁହନ୍ତି ଆମ ଟାର୍ଗେଟରେ ବହୁତ ନ୍ୟୁନତା ପରିଲକ୍ଷିତ ହେଉଥିଲା । ଏହି ସମ୍ବନ୍ଧରେ ମୁଁ ଅଲ୍ଲାଃ ତାଲାଙ୍କ ନିକଟରେ ଦୁଆ କଲି । ଦିନେ ମୋର ପତ୍ନୀ କହିଲେ କି ଅମୁକ ବ୍ୟକ୍ତି ଅମୁକ ଫ୍ୟାମିଲି ଅଛନ୍ତି ଯଦି ସେମାନଙ୍କୁ କୁହାଯାଏ ତାହେଲେ ସେମାନେ ଅତିରିକ୍ତ ଚାନ୍ଦା ମଧ୍ୟ ପଇଠ କରିଦେବେ ଯଦ୍ୱାରା ତୁମର ଟାର୍ଗେଟ ସମ୍ପୁର୍ଣ୍ଣ ହୋଇଯିବ । ଅତଏବ ଯେତେବେଳେ ତାଙ୍କ ସହିତ ଯୋଗାଯୋଗ କରାଗଲା ସତେବେଳେ ଉକ୍ତ ଫ୍ୟାମିଲି କହିଲା କି ଆମର ନାଁ ଯେପରି ପ୍ରକାଶ ନ କରାଯାଉ ଏବଂ ସେମାନେ ଏକ ହଜାର ପାଉଣ୍ଡ ନିଜ ସନ୍ତାନମାନଙ୍କ ତରଫରୁ ପଇଠ କରିଦେଲେ । ପୁନଶ୍ଚ କହିଲେ କି ଏହା ପରେ ଯଦି ଆହୁରି ଆବଶ୍ୟକ ହୁଏ ତାହେଲେ ନିସଙ୍କୋଚରେ କହିବେ ଆମେ ଆହୁରି ଦେବାକୁ ପ୍ରସ୍ତୁତ ଅଛୁ ।

ୟୁକେ ରୁ ହିଁ ଇସ୍‌ଲାମାବାଦ୍‌ର ଲଜ୍‌ନା ୱକ୍‌ଫେ ଯଦିଦ୍‌ର ସେକ୍ରେଟାରି କୁହନ୍ତି କି ମୁଁ ବିଶ୍ୱବିଦ୍ୟାଳୟରୁ ସ୍ନାତକ କରିବା ପରେ ପିଲାମାନଙ୍କର ଲାଳନପାଳନରେ ବ୍ୟସ୍ତ ଥିଲି ବର୍ତ୍ତମାନ ମୋର ସନ୍ତାନମାନେ ପାଂଚ ଓ ଆଠ ବର୍ଷର ହୋଇଯାଇଛନ୍ତି । ସ୍ୱାମୀଙ୍କ ଆୟରୁ ହିଁ ଆମେ ନିଜର ସମସ୍ତ ଚାନ୍ଦା ପଇଠ କରିଥାଉ । ମୋ ଆକାଉଂଟରେ କେବଳ ଚାଇଲ୍ଡ ବେନିଫିଟ୍ ହିଁ ଆସୁଥିଲା ମୁଁ ଭାବୁଥିଲି ଯେ ଅଲ୍ଲାଃ ତାଲାଙ୍କ ମାର୍ଗରେ ଯେତେ ବି ଖର୍ଚ୍ଚ କରିଦିଏ ପଛେ ତାହା ପ୍ରକୃତ ଆର୍ଥିକ ବଳିଦାନର ପଦବାଚ୍ୟ ହୋଇପାରିବ ନାହିଁ । ଅତଏବ ମୁଁ ଚଳିତ ବର୍ଷ ସେପ୍ଟେମ୍ବର ମାସରୁ ହିଁ ନିଜର ବ୍ୟକ୍ତିଗତ ଆକାଉଂଟରୁ ହିଁ ଚାନ୍ଦାଗୁଡ଼ିକ ପାଇଁ ଷ୍ଟାଡ଼ିଙ୍ଗ ଅର୍ଡ଼ର ମାଧ୍ୟମରେ ୱସିୟତ୍‌ର ଚାନ୍ଦା ଓ ୱକ୍‌ଫେ ଯଦିଦ୍, ତହ୍‌ରିକ୍ ଯଦିଦ୍ ବ୍ୟତିତ ନିଜର ଦାଦି ଓ ଚଚାର ମଧ୍ୟ ଚାନ୍ଦା ଦେବାକୁ ଆରମ୍ଭ କରିଦେଲି । ମାସିକିଆ କିସ୍ତି ଏତେ ନିର୍ଦ୍ଧାରିତ ଥିଲା କି ପ୍ରକୃତରେ ହିଁ ମୋର ଆୟ ଅନୁଯାୟୀ ତାହା କୁର୍ବାନୀ ହେବ ସେହି ମାସରେ ହିଁ ମୁଁ ପିଲାଙ୍କ ସ୍କୁଲ୍‌ରେ ଶିକ୍ଷକ ରୂପେ ନିଯୁକ୍ତ ପାଇଁ ଆବେଦନ ଫର୍ମ ଦାଖଲ କରିଦେଲି ଯେ ଆଗକୁ ଅଧିକ କାମ କରିବାପାଇଁ ନିଜ ଅଭିଜ୍ଞତା ପ୍ରାପ୍ତ କରିନେବି କିନ୍ତୁ ସଫଳତାର କୌଣସି ଆଶା ନଥିଲା । ସେ କୁହନ୍ତି ଯେ ମୋ ଆକାଉଁଟରୁ ଯେଉଁ ଦିନ ପ୍ରଥମ ଚାନ୍ଦାର ଟଙ୍କା ପଇଠ ହେଲା ତାହାର ପରବର୍ତ୍ତୀ ଦିନ ମତେ ସ୍କୁଲ୍‌ରୁ ସାକ୍ଷାତକାର ନିମନ୍ତେ ଡ଼ାକରା ଆସିଲା । ଯେତେବେଳେ ଆକାଉଂଟରୁ ଦ୍ୱିତୀୟ କିସ୍ତିର ପଇଠ ହେଲା ସେତେବେଳେ ମତେ ସହାୟକ ଶିକ୍ଷକ ପରିବର୍ତ୍ତେ ସ୍କୁଲ୍ କର୍ତ୍ତୁପକ୍ଷ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବାକୁ ନିଯୁକ୍ତି ଦେଲେ । ଯଦ୍ୱାରା ମୋର ଆୟ ଦଶଗୁଣ ବଢ଼ିଗଲା ଫଳତଃ ମତେ ବିଶ୍ୱାସ ହୋଇଗଲା କି ଏହା କେବଳ ଅଲ୍ଲାଃ ତାଲାଙ୍କ ମାର୍ଗରେ ଖର୍ଚ୍ଚ କରିବାର ହିଁ ଫଳାଫଳ ଅଟେ ।

ଜର୍ମାନୀରୁ ଫର୍‌ହାଦ୍ ନାମକ ମୁବଲିଗ୍ ସାହେବ କୁହନ୍ତି କି ସ୍ଥାନୀୟ ଏମିରାଟ୍ ୱେଜ୍‌ବାଦାନ୍‌ର ଜଣେ ସ୍ୱେଚ୍ଛାସେବୀ (ଖାଦିମ୍) କହିଲେ, ଯେ ତହ୍‌ରିକ୍ ଯଦିଦ୍‌ର ଚାନ୍ଦା ପଇଠ କରିସାରିଥିଲେ ଏବଂ ୱକ୍‌ଫେ ଯଦିଦ୍‌ରେ ଯେଉଁ ଚାନ୍ଦା ପଇଠ କରିବାର ଥିଲା ତାହା ମଧ୍ୟ ଅତିରିକ୍ତ ଭାବେ ତହ୍‌ରିକ୍ ଯଦିଦ୍‌ରେ ଚାନ୍ଦା ପଇଠ କରିଦେଇଥିଲେ । ସେହି ମାସରେ ହିଁ ଆୟକର ବିଭାଗ ପକ୍ଷରୁ ପତ୍ର ଆସିଲା କି ଆପଣଙ୍କ ଉପରେ ୮ ଶହ ୟୁରୋଜ୍ ବକେୟା ରହିଛି ଯାହାକୁ ଆପଣ ପରିଶୋଧ କରିବେ । ସେ କୁହନ୍ତି ଯେ ଏହା ସତ୍ୱେ ମୁଁ ସାହାସ କରି ୱକ୍‌ଫେ ଯଦିଦ୍‌ର ଚାନ୍ଦା ପଇଠ କରିଦେଲି ଏବଂ କହିଲି କି ଠିକ୍ ଅଛି ଋଣ ନେଇ ଆୟକର ମଧ୍ୟ ଦେଇଦେବି । ଏହାର କିଛି ସପ୍ତାହ ପରେ ଆୟକର ବିଭାଗ ତରଫରୁ ପତ୍ର ଆସିଲା କି ଆମେମାନେ ପୂର୍ନବାର ଆପଣଙ୍କର କାଗଜର ନିରୀକ୍ଷଣ କରିଛୁ । ଆପଣଙ୍କ ଉପରେ କୌଣସି ଟଙ୍କା ବାକି ନାହିଁ ବରଂ ଆମେମାନେ ଆପଣଙ୍କୁ ୪୪୦୦ ୟୁରୋ ଫେରସ୍ତ କରିବୁ । ସେ କୁହନ୍ତି କିଛି ଦିନ ପରେ ହିଁ ମୋ ଗାଡ଼ି ଦୁର୍ଘଟଣା ଗ୍ରସ୍ତ ହୋଇଗଲା । ଯାହାର କ୍ଷତିପୂରଣ ରୂପକ ମତେ ୪୭୦୦ ୟୁରୋ ମିଳିଗଲା । ଏହିପରି ଅଳ୍ପବହୁତ ସାହାସ କରି ମୁଁ ଚାନ୍ଦା ବଢ଼େଇଥିଲି । ମୁଁ ଯେଉଁ ପଇଠ କରିଥିଲି ଅଲ୍ଲାଃ ତାଲାଙ୍କ ମାର୍ଗରେ ସେହି ଚାନ୍ଦାର ଅନେକ ଗୁଣ ମତେ ଫେରସ୍ତ ମିଳିଗଲା । ବର୍ତ୍ତମାନ ଏହାକୁ ଯଦି କେହି ଦୈବାତ୍ କହିବ କହିପାରେ କିନ୍ତୁ ଜଣେ ବିଶ୍ୱାସକାରୀ ଏହା ଜାଣେ ଯେ ଏହା ହେଉଛି ଅଲ୍ଲାଃ ତାଲାଙ୍କର ବିଶେଷ କୃପା ।

କାନାଡ଼ାର ସଦର୍ ଲଜ୍‌ନା କୁହନ୍ତି କି ଜଣେ ଭଉଣୀ ବର୍ଣ୍ଣନା କରନ୍ତି କି ତିନିବର୍ଷ ପୂର୍ବେ ତାଙ୍କ ସ୍ୱାମୀ ଶିକ୍ଷା ଅର୍ଜନ କରିବାରେ ବ୍ୟସ୍ତ ଥିଲେ । ଚାକିରି ସହିତ ଘରର ଅନ୍ୟ ସମସ୍ତ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥିଲା । ଏହି ଥକାଇ ଦେଉଥିବା ରୁଟିନ୍ ତାଙ୍କୁ ଗମ୍ଭୀର ଭାବରେ ଦୁର୍ବଳ କରିଚାଲିଥିଲା ଯଦ୍ୱାରା ସେ ଅସୁସ୍ଥ ହୋଇପଡ଼ିଥିଲେ । ସେହି ସମୟରେ ଯେତେବେଳେ ତାଙ୍କର ୱକ୍‌ଫେ ଯଦିଦ୍ ଓ ତହ୍‌ରିକ୍ ଯଦିଦ୍‌ର ଚାନ୍ଦା ଦେବାର ସମୟ ଆସିଲା । ସେତେବେଳେ ସେ ନିଜ ଆୟରୁ ଦୁଇଗୁଣ ୱାଦା ଲେଖାଇଦେଲେ । କିଛି କାଳ ପରେ ତାଙ୍କର ଚାକିରି ମଧ୍ୟ ଚାଲିଗଲା । ଅତ୍ୟନ୍ତ ଦୁର୍ଦ୍ଦିନ, ଅଭାବ ଓ ଆର୍ଥିକ ଦୁରାବସ୍ଥାର ସେ ଶିକାର ହେଲେ । ନିଜର କ୍ରେଡ଼ିଟ୍ କାର୍ଡ଼ରୁ ଘରର ସମସ୍ତ ଖର୍ଚ୍ଚ ବହନ କରିବାକୁ ଲାଗିଲେ ବର୍ଷ ଶେଷରେ ଯେତେବେଳେ ଚାନ୍ଦା ଦେବାର ସମୟ ଆସିଲା ସେତେବେଳେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ବାଧ୍ୟ ହୋଇ ଅଲ୍ଲାଃ ତାଲାଙ୍କ ଉପରେ ଭରଷା କରି ସେ କ୍ରେଡ଼ିଟ୍ କାର୍ଡ଼ରୁ ହିଁ ନିଜର ଚାନ୍ଦାଗୁଡ଼ିକ ପଇଠ କଲେ । ଅଲ୍ଲାଃ ତାଲା ନିଜର ଅଦ୍ଭୁତ ଚମତ୍କାର ପଦର୍ଶନ କଲେ । ସେହି ଦିନ ମାନଙ୍କରେ ତାଙ୍କୁ ବ୍ୟାଙ୍କରୁ ସୁଚନା ମିଳିଲା ଯେ ତାଙ୍କର କ୍ରେଡ଼ିଟ୍ ପ୍ରୋଟେକ୍ସନ ଇନ୍‌ଶ୍ୟୁରାନ୍ସ ରହିଛି ଓ ଚାକିରି ଲାଗିଯାଇଛି । ଏଥିପାଇଁ ସେ ଆବେଦନ କରିପାରିବେ । ଅତଏବ ଏପରି ତାଙ୍କର କ୍ରେଡ଼ିଟ୍ କାର୍ଡ଼ର ସମସ୍ତ ଦେୟର ବ୍ୟବସ୍ଥା ହୋଇଗଲା ଏବଂ ତତ୍‌ସହିତ ତାଙ୍କୁ ନୁଆ ଚାକିରି ମଧ୍ୟ ମିଳିଗଲା । ଯାହାକି ପ୍ରଥମ ଚାକିରିଠାରୁ ଅଧିକ ଶ୍ରେୟସ୍କର ଥିଲା । ତାଙ୍କର ଆର୍ଥିକ ସ୍ଥିତି ବର୍ତ୍ତମାନ ସୁଧୁରିବାକୁ ଲାଗିଛି । ସେ ପୂର୍ବାପେକ୍ଷା ଅଧିକ ଚାନ୍ଦା ପଇଠ କରୁଛନ୍ତି ଅର୍ଥାତ ନିଜ ଚାନ୍ଦାର ୱାଦାକୁ ମଧ୍ୟ ବଢ଼େଇ ଦେଇଛନ୍ତି । ସେହି ସମୟରେ ତାଙ୍କ ସ୍ୱାମୀଙ୍କର ମଧ୍ୟ ଶିକ୍ଷା ସମାପ୍ତ ହୋଇଗଲା ତାଙ୍କୁ ମଧ୍ୟ ଏକ ଭଲ ଚାକିରିଟିଏ ମିଳିଗଲା । ଯଦ୍ୱାରା ସେ ନିଜ ପୂର୍ବ ଚାକିରି ଛାଡ଼ିଦେଲେ ଏବଂ ନିଜ ସ୍ୱାମୀଙ୍କ ଚାକିରିରୁ ହିଁ ନିଜର ଗୁଜୁରାଣ ମେଂଟାଉଛନ୍ତି ।

ଇଣ୍ଡୋନେସିଆର ମୁବ୍‌ଲିଗ୍ ସାହେବ ଉଲ୍ଲେଖ କରନ୍ତି କି ଅମିନ୍ ସାହେବ୍ ଓ ତାଙ୍କ ପରିବାରବର୍ଗର ସର୍ବଦା ଏହି ଆକାକ୍ଷାଂ ରହିଥିଲା କି ସେମାନେ ପବିତ୍ର ରମ୍‌ଜାନ ମାସରେ ୱକ୍‌ଫେ ଯଦିଦ୍ ଓ ତହ୍‌ରିକ୍ ଯଦିଦ୍‌ର ଚାନ୍ଦା ସମ୍ପୁର୍ଣ୍ଣ ରୂପେ ପଇଠ କରିବେ । ଚଳିତ ବର୍ଷ ଆୟ ମଧ୍ୟ ସ୍ୱଳ୍ପ ଥିଲା ପ୍ରକାଶ ରୂପେ ଦେଖିବାକୁ ଗଲେ ୱାଦା ସମ୍ପୁର୍ଣ୍ଣ କରିବା ଆସିମ୍ଭବ ଥିଲା । ମୁବ୍‌ଲିଗ୍ ସାହେବ

କୁହନ୍ତି କି ପବିତ୍ର ରମ୍‌ଜାନ ମାସରେ ରୋଜା ରଖିବା ସହିତ ମୁଁ ସ୍ୱୟମ ତାଙ୍କୁ ଦେଖିଲି କି ସେ ନିଜ ପରିବାର ବର୍ଗଙ୍କ ସହିତ ପାହାଡ଼ିଆ ଅଂଚଳରେ ଚାରି କିଲୋମିଟର ଯାତ୍ରା କରି ନିଜର କ୍ୟାଣ୍ଡେଲ୍ ନଟ୍ (Candlenut) କ୍ଷେତକୁ ଯାଇଛନ୍ତି । କାରଣ ଏହି କ୍ଷେତ ଦ୍ୱାରା ନିଜର ୱାଦାଗୁଡ଼ିକୁ ପୂରଣ କରିପାରିବେ । ସୁତରାଂ ସେ ପବିତ୍ର ରମ୍‌ଜାନ ମାସରେ ହିଁ ନିଜର ଦୁଇଲକ୍ଷ ୱାଦା ପୂରଣ କରିଦେଲେ ଏବଂ ଏତେ ବଡ଼ ଆମାଉଂଟକୁ କଠିନ ପରିଶ୍ରମ କରି ଏକତ୍ରିତ କରିବା ତାଙ୍କ ପକ୍ଷରେ ଅସମ୍ଭବ ଥିଲା । ମୁବଲ୍ଲିଗ୍ ସାହେବ କୁହନ୍ତି କି ମୁଁ ତାଙ୍କୁ ପଚାରିଲି କି ଆପଣଙ୍କୁ କେଉଁ କଥାଟି ଏପରି ଆପଣଙ୍କୁ ବାଧ୍ୟ କଲା କି ଆପଣ ରୋଜା ସହିତ ଏପରି କଠିନ ପରିଶ୍ରମ କରିପାରିଲେ ? ପ୍ରତିଉତରରେ ସେ କହିଲେ, ମୁଁ ଓ ମୋର ପରିବାରବର୍ଗ କେବଳ ଉପସ୍ଥିତ ଖଲିଫାଙ୍କ ଆଦେଶାବଳୀ ଉପରେ ପରିଚାଳିତ ହୋଇ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ଲାଭ କରିବା ପାଇଁ ଏଭଳି କରିବାକୁ ମନ ବଳାଇଥିଲୁ ।

ବୁର୍କିନା ଫାସୋର ଇକାୟା ରିଜିଅନ୍‌ର ଗୋଟିଏ ଯମାତ୍ ଅଛି । ସେଠିକାର ଜଣେ ବନ୍ଧୁ ହେଉଛନ୍ତି ନିଆନ୍‌ପା (Nianpa) ବୟତ କରିବାକୁ ତାଙ୍କୁ ଦଶବର୍ଷ ବିତିଗଲାଣି ଚାନ୍ଦା ପଇଠ କରିବାରେ ସେ ସର୍ବଦା ଦୁର୍ବଳ ଥିଲେ । ଘରେ ସର୍ବଦା ଅସୁସ୍ଥତା ଓ ଅଭାବ ଅନାଟନ ଲାଗି ରହିଥିଲା । କିଛି କାଳ ପର୍ଯ୍ୟନ୍ତ ସେ ଚାନ୍ଦାଗୁଡ଼ିକ ବିଶେଷ କରି ତହ୍‌ରିକ୍ ଯଦିଦ୍ ଓ ୱକ୍‌ଫେ ଯଦିଦ୍‌ର ଚାନ୍ଦା ପଇଠ କରିବା ଆରମ୍ଭ କଲେ । ତାଙ୍କର ନିୟମିତ ଚାନ୍ଦା ପଇଠ କରିବାକୁ ଅଲ୍ଲାଃ ତାଲା କେବଳ ତାଙ୍କ ଉପରେ କୃପା ଅବତୀର୍ଣ୍ଣ କଲେ ନାହିଁ ବରଂ ତାଙ୍କର ଅଭାବ ଅନଟନର ଅବସ୍ଥା ମଧ୍ୟ ଦୁର କରିଦେଲେ । କେବଳ ଏତିକି ନୁହେଁ ରୋଗବ୍ୟାଧିରୁ ମଧ୍ୟ ଅଲ୍ଲାଃ ତାଲା ତାଙ୍କୁ ଆରୋଗ୍ୟ ପ୍ରଦାନ କଲେ । ଚଳିତ ବର୍ଷ ସେ ପ୍ରତିଯୋଗୀ ଭାବରେ ୱକ୍‌ଫେ ଯଦିଦ୍ ଚାନ୍ଦାରେ ଅଂଶ ଗ୍ରହଣ କଲେ ଏବଂ ଯେଉଁ ଲୋକମାନେ ତାଙ୍କୁ କାମ ଦେଇନଥିଲେ ସେହି ଲୋକମାନେ ନିଜେ ତାଙ୍କ ପାଖକୁ ଆସି ତାଙ୍କୁ କଂଟ୍ରାକ୍ଟରର କାମ ଦେଲେ । ଇର୍ଦ୍ଦିସ ସାହେବ କୁହନ୍ତି ଏହା ଅଲ୍ଲାଃ ତାଲାଙ୍କର ହିଁ କୃପା ଯେ ସେ ୱକ୍‌ଫେ ଯଦିଦ୍ ମାଧ୍ୟମରେ ଧନ ବୃଦ୍ଧି କରିବାର ମାଧ୍ୟମ ଯୋଗାଇ ଦେଇଛନ୍ତି । ତେଣୁ ଏହା ହେଉଛି ସର୍ବଶକ୍ତିମାନ ଅଲ୍ଲାଃ ତାଲାଙ୍କର ଋଣ ପରିଶୋଧ କରିବାର ଉପାୟ । ସେ ଋଣକୁ ଅଧିକ ବଢ଼ାଇ ମଣିଷକୁ ଅବା ନିଜ ଭକ୍ତକୁ ଫେରାଇ ଥାନ୍ତି ।

ଏହା ହେଉଛି କେତେକ ଘଟଣା ଯାହାକୁ ମୁଁ ଏଠାରେ ବର୍ଣ୍ଣନା କଲି । ଏହିପରି ଅସଂଖ୍ୟ ଘଟଣାମାନ ରହିଛି ସର୍ବଶକ୍ତିମାନ ଅଲ୍ଲାଃ ସର୍ବଦା ଯମାତ୍‌ର ସଦସ୍ୟମାନଙ୍କ ସହିତ ଏହିଭଳି ବ୍ୟବହାର ପ୍ରଦର୍ଶନ କରିଥାନ୍ତି ଏବଂ ସେମାନେ ଏହିପରି ଆନ୍ତରିକତା ଓ ବିଶ୍ୱସ୍ତତା ସହିତ ନିଜର ବଳିଦାନକୁ ଜାରି ରଖିବା ଉଚିତ । ଯଦ୍ୱାରା ଅଲ୍ଲାଃ ତାଲାଙ୍କର କୃପାକୁ ସ୍ୱଚକ୍ଷୁରେ ଅବଲୋକନ କରିପାରିବେ ।

ବର୍ତମାନ ମୁଁ ୱକ୍‌ଫେ ଯଦିଦ୍‌ର ନୂତନ ବର୍ଷର ଘୋଷଣା କରିବା ସହିତ ଗତ ବର୍ଷର କିଛି ସଂଖ୍ୟା ଏଠାରେ ଆଲୋଚନା କରିବି । ଅଲ୍ଲାଃ ତାଲାଙ୍କ କୃପାରୁ ୱକ୍‌ଫେ ଯଦିଦ୍‌ର ୬୩ତମ ବର୍ଷ ଡ଼ିସେମ୍ବର ମାସ ୩୧ ତାରିଖରେ ସମାପ୍ତ ହେଲା ଏବଂ ଏକ ଜାନୁୟାରୀରୁ ୬୪ ତମ ବର୍ଷର ଶୁଭାରମ୍ଭ ହେଲା । ଇତିମଧ୍ୟରେ ଚଳିତ ବର୍ଷ ଅଲ୍ଲାଃ ତାଲାଙ୍କ କୃପାରୁ ଏକ କୋଟି ପାଂଚ ଲକ୍ଷ ତିରିଶି ହଜାର ପାଉଣ୍ଡ (୧,୦୫,୩୦,୦୦୦) ଯମାତ୍‌କୁ କୁର୍ବାନୀ କରିବାର ସାମର୍ଥ୍ୟ ପ୍ରାପ୍ତ ହୋଇଛି । ଉକ୍ତ ଆଦାୟଟି ଗତବର୍ଷ ତୁଳନାରେ ୮ ଲକ୍ଷ ୮୭ ହଜାର ପାଉଣ୍ଡ ଅଧିକ ଅଟେ । ଅଲ୍‌ହମ୍‌ଦୁଲିଲ୍ଲାଃ ଆଲାଜାଲିକ୍

ବର୍ତମାନ ଏହା କୌଣସି ମାନବ ବା ମଣିଷକୃତ ଉଦ୍ୟମର ଫଳାଫଳ ନୁହେଁ ବରଂ ଏହା ହେଉଛି ସର୍ବଶକ୍ତିମାନ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କର ବିଶେଷ ଅନୁଗ୍ରହ । ଚଳିତ ବର୍ଷ ମଧ୍ୟ ସାମଗ୍ରିକ ଆଦାୟ ଦୃଷ୍ଟିକୋଣରୁ ବିଶ୍ୱ ଯମାତ୍ ମଧ୍ୟରେ ବ୍ରିଟେନ୍ ପ୍ରଥମ ସ୍ଥାନ ଅଧିକାର କରିଛି । ଅଲ୍ଲାଃ ତାଲାଙ୍କ କୃପାରୁ ସେମାନେ ଏହାକୁ ଯଥେଷ୍ଟ ବୃଦ୍ଧି କରିଛନ୍ତି । ବ୍ରିଟେନ୍‌ର ଲଜ୍‌ନା ଇମାଇଲ୍ଲାଃ ଅଲ୍ଲାଃ ତାଲାଙ୍କ କୃପାରୁ ଅତ୍ୟନ୍ତ କଠିନ ପରିଶ୍ରମ କରିଛନ୍ତି । ଏ ବର୍ଷ ଏତେମାତ୍ରାରେ ଚାନ୍ଦା ବଢ଼ିଛି ଏଥିରୁ ଜଣାପଡୁଛି ଯେ ଏ ବର୍ଷ ପୁରୁଷମାନେ ମଧ୍ୟ ଲଜ୍‌ନାଙ୍କ ଭଳି ପରିଶ୍ରମ କରିଛନ୍ତି । ଏଣୁ ଆଦାୟ ମଧ୍ୟ ବୃଦ୍ଧି ପାଇଯାଇଛି । ଜର୍ମାନୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛି ଯଦିଚ ସେମାନେ ପୂର୍ବପେକ୍ଷା ବେଶ୍ ଅଧିକ ଆଦାୟ କରିଛନ୍ତି କିନ୍ତୁ ବର୍ତମାନ ବ୍ରିଟେନ୍ ଜର୍ମାନୀ ଠାରୁ ବହୁତ ଦୁରରେ ବା ଆଗକୁ ବଢ଼ିଯାଇଛି । ପାକିସ୍ତାନ କରେନ୍‌ସି ଦୃଷ୍ଟି କୋଣରୁ ବହୁତ ପଛରେ ରହିଯାଇଛି ଯଦିଚ ଏହା ତୃତୀୟ ସ୍ଥାନ ଅଧିକାର କରିଛି ଅର୍ଥାତ ବ୍ରିଟେନ୍ ଓ ଜର୍ମାନୀ ପରେ ପାକିସ୍ତାନ ତୃତୀୟ ସ୍ଥାନ ଅଧିକାର କରିଛି । ସାମଗ୍ରିକ ଜାତୀୟ ମୁଦ୍ରା ଦୃଷ୍ଟିକୋଣରୁ ଏଠାରେ ମଧ୍ୟ ଅଗ୍ରଗତି ହୋଇଛି ଏବଂ ଲୋକମାନେ ମଧ୍ୟ ବଳିଦାନ କରିଛନ୍ତି । ପାକିସ୍ତାନରେ ଜୀବନର ମଧ୍ୟ ବଳିଦାନ ଦିଆଯାଉଅଛି । ପାକିସ୍ତାନରେ ଥିବା ଅହେମଦୀମାନେ ନିଜ ଜୀବନର ଉତ୍ସର୍ଗ ମଧ୍ୟ କରୁଛନ୍ତି । ସେମାନଙ୍କୁ ମାନସିକ ପ୍ରତାରଣା ଓ ଯନ୍ତ୍ରଣା ମଧ୍ୟ ସହ୍ୟ କରିବାକୁ ପଡୁଛି ଅଲ୍ଲାଃ ତାଲା ସେମାନଙ୍କ ପାଇଁ ସହଜତା ଉତ୍ପନ୍ନ କରିଦିଅନ୍ତୁ । କାନାଡ଼ା ଚତୁର୍ଥ ସ୍ଥାନ ଅଧିକାର କରିଛି, ଏହାପଛକୁ ଆମେରିକା ରହିଛି ତା'ପରେ ଭାରତ ପୁଣି ଅଷ୍ଟ୍ରେଲିଆ, ପୁଣି ମିଡ଼ିଲ୍ ଇଷ୍ଟର ଗୋଟିଏ ଦେଶ ତା'ପରେ ଇଣ୍ଡୋନେସିଆ ପୁଣି ଘାନା ଦଶମ ସ୍ଥାନରେ ରହିଛି । ଘାନା ମଧ୍ୟ ଆଫ୍ରିକାର ବୃହତମ ଦେଶ ମଧ୍ୟରୁ ଅନ୍ୟତମ ଅନ୍ୟ ରାଷ୍ଟ୍ରମାନଙ୍କ ତୁଳନାରେ ସର୍ବାଗ୍ରେ ପ୍ରଥମ ଦଶଟି ରାଷ୍ଟ୍ର ମଧ୍ୟରେ ସାମିଲ ହୋଇଛନ୍ତି ।

ମୁଣ୍ଡ ପିଛା ଆଦାୟ ଦୃଷ୍ଟିକୋଣରୁ ଆମେରିକା ପ୍ରଥମ ସ୍ଥାନ ଅଧିକାର କରିଛି ତା'ପରେ ସୁଇଜରଲ୍ୟାଣ୍ଡ ଓ ବ୍ରିଟେନ୍ ରହିଛନ୍ତି ।

ସମୁଦାୟ ସଂଗ୍ରହ ଦୃଷ୍ଟିରୁ ଘାନା ଆଫ୍ରିକୀୟ ଦେଶମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି ତା'ପରେ ମାରିସସ୍, ତା'ପରେ ନାଇଜେରିଆ, ବୁର୍କିନାଫାସୋ, ତାଞ୍ଜାନିୟା, ସେରେଲିୟୋନ୍, ଗାମ୍ବିୟା, କେନିଆ, ମାଲି ଓ ବେନିନ୍ ଆଦି ରହିଛନ୍ତି । ସେମାନଙ୍କର ଅଂଶଗ୍ରହଣକାରୀଙ୍କ ସଂଖ୍ୟା ୧୪ ଲକ୍ଷ ୫୨ ହଜାର ଅଟେ ।

ମୋଟ ଆଦାୟ ଦୃଷ୍ଟିକୋଣରୁ ବ୍ରିଟେନ୍‌ର ଶ୍ରେଷ୍ଠ ଦଶଟି ବଡ଼ ଯମାତ୍ ହେଲେ Farnham, Islamabad, Worcester Park, Putney, South-Birmingham, Gillingham, South Cheam, Fazal Mosque, Birmingham-West & New Malden.

ସମୁଦାୟ ଆଦାୟ ଦୃଷ୍ଟିରୁ ପ୍ରଥମ ପାଂଚଟି ରିଜିଅନ୍ ହେଉଛି ଏପରି ବଇତୁଲ୍ ଫୁତୁଉ, ମସ୍‌ଜିଦ୍ ଫଜଲ୍, ତା'ପରେ ଇସ୍‌ଲାମାବାଦ୍, ତା'ପରେ ମିଡ଼ିଲ୍ ଲ୍ୟାଣ୍ଡ ଓ ପଂଚମରେ ବଇତୁଲ୍ ଏହ୍‌ଶାନ୍ ରହିଛି ।

ଦଫ୍‌ତର ଇତ୍‌ଫାଲ୍ ଦୃଷ୍ଟିରୁ ଶ୍ରେଷ୍ଠ ଦଶଟି ଯମାତ୍ ଏଭଳି ଅଟେ Farnham, Islamabad, Roehampton Vale, Baitul Futuh, Mitcham Park, Glagow, Cheam, Guildford, Worcester Park & Birmingham South ।

ଛୋଟ ଯମାତି ହିସାବରେ ଆଦାୟ ଦୃଷ୍ଟିକୋଣରୁ ପ୍ରଥମ ଦଶଟି ଯମାତ୍ ହେଲେ- Leamington Spa, Spen Valley, Bournemouth, Trent-Burton, Peterborough, Coventry, Edinburgh, Keighley & Swansea ।

ଜର୍ମାନୀର ପାଂଚଟି ସ୍ଥାନୀୟ ଇମରାତ୍ ହେଉଛନ୍ତି ଏପରି : (1) Hamburg (2) Frankfurt (3) Wiesbaden (4) Gross Gerau (5) Dietzenbach

ୱକ୍‌ଫେ ଯଦିଦ୍‌ର ବୟସ୍କ ଚାନ୍ଦା ପ୍ରଦାନକାରୀଙ୍କ ମଧ୍ୟରେ ଜର୍ମାନୀର ପ୍ରଥମ ଦଶଟି ଯମାତ୍ ହେଲେ: (1) Rodermark (2) Neuss (3) Nidda (4) Mainz (5) Koblenz (6) Hanqu (7) Longen (8) Florsheim (9) Bensheim (10) Pinneberg ।

ଦଫ୍‌ତର ଅତ୍‌ଫାଲ୍‌ରେ ପ୍ରଥମ ପାଂଚଟି ରିଜିଅନ୍ ହେଉଛନ୍ତି ଏପରି: (1) Hessen-Sud-Ost (2) Hessen Mitte (3) Rheinland-Pfalz (4) Westfalen (5) Taunus.

ପାକିସ୍ତାନର ପ୍ରଥମ ତିନୋଟି ଯମାତ୍ ହେଉଛନ୍ତି: ଲାହୋର୍, ରବୱା ଓ କରାଚି ସ୍ଥାନ ଅଧିକାର କରିଛନ୍ତି । ବୟସ୍କ ଚାନ୍ଦା ପ୍ରଦାନକାରୀଙ୍କ ହିସାବରେ ଜିଲ୍ଲାଗୁଡ଼ିକ ହେଲେ: ଲାହୋରା, ଇସ୍‌ଲାମାବାଦ, ରାଉଲପିଣ୍ଡି, ସର୍ଗୋଦା, ଗୁଜୁରାୱାଲା, ଉମର୍‌କୋଟ୍, ହାଇଦ୍ରାବାଦ୍, ପେଶାୱର୍, ମିର୍‌ପୁର ଖାସ୍ ଏବଂ ଡ଼େରାଗାଜି ଖାନ୍ ।

ମୋଟ ସଂଗ୍ରହ ଦୃଷ୍ଟିକୋଣରୁ ପ୍ରଥମ ଦଶଟି ଯମାତ୍ ହେଉଛି: ଡ଼ିଫେନ୍ସ ଲାହୋର, ଇସ୍‌ଲାମାବାଦ ସହର, ସିଟି ଟାଉନ୍‌ଶିପ ଲାହୋର୍, କ୍ଲିଫ୍‌ଟନ୍ କରାଚୀ, ଦାରୁଲ୍ ଜିକର ଲାହୋର୍,ଗୁଲ୍‌ଶନ୍ ଇକ୍‌ବାଲ୍ କରାଚୀ, ସମନାବାଦ୍ ଲାହୋର୍, ଅଜିଜା ବାଦ୍ କରାଚି, ରାଉଲ୍‌ପିଣ୍ଡି ସହର ଏବଂ ଅଲାମା ଇକ୍‌ବାଲ୍ ଟାଉନ୍ ଲାହୋର୍ ।

ଦଫ୍‌ତର୍ ଅତ୍‌ଫାଲ୍ କାର୍ଯ୍ୟାଳୟରେ ପାକିସ୍ତାନର ତିନୋଟି ପ୍ରମୁଖ ଯମାତ୍ ହେଲେ ଲାହୋରା, କରାଚୀ ଓ ରବୱା ଦଫ୍‌ତର ଅତ୍‌ଫାଲ୍ ଜିଲ୍ଲାଗୁଡ଼ିକ ଏପରି ଅଛନ୍ତି:- ଇସ୍‌ଲାମାବାଦ୍, ଗୁଜୁରାୱାଲା, ସର୍ଗୋଧା, ଶେଖୁପୁରା, ଫୈସ୍‌ଲାବାଦ୍, ଡ଼େରାଗାଜି ଖାନ୍, ଗୁଜୁରାଟ୍, ଉମର୍‌କୋଟ, ନାରୱାଲ୍ ଏବଂ ବହାୱଲ୍ ନଗର ଆଦି କ୍ରମାଗତ ଭାବରେ ସ୍ଥାନ ଅଧିକାର କରିଛନ୍ତି ।

କାନାଡ଼ାର ଇମାରତ୍ ଗୁଡ଼ିକ କ୍ରମାନୁସାରେ ଏପରି ଅଛନ୍ତି: (1) Vaughan (2) Peace Village (3) Vancouver (4) Brampton-West (5) Toronto-West.

କାନାଡ଼ାର ଦଶଟି ବଡ଼ ଯମାତ୍ ହେଉଛନ୍ତି ଏପରି: (1) Bradford (2) Durham (3) Milton-East (4) Edmonton West (5) Windsor (6) Milton-West (7) Regina (8) Ottawa-West (9) Airdrie (10) Abbotsford ।

ଦଫ୍‌ତର ଅତ୍‌ଫାଲ୍ ର ଇମାରତ୍ ଗୁଡ଼ିକ ହେଉଛନ୍ତି ଏପରି (1) Voughan (2) Toronto-West (3) Peace Village (4) Calgary (5) West-Brampton ।

ପିଲାମାନଙ୍କ ଯମାତ୍‌ରେ ଅର୍ଥାତ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଯମାତ୍ ଗୁଡ଼ିକ ହେଲେ: (1) Bradford (2) Durham (3) Milton-West (4) London (5) Hamilton Mountain ।

ଆଦାୟ ଦୃଷ୍ଟିରୁ ଆମେରିକାର ଦଶଟି ଯମାତ୍ ହେଲେ: (1) Maryland (2) Los Angeles (3) Seattle (4) Silicon Valley (5) Boston (6) Aston (7) Oskosh (8) Syracose (9) Rochester (10) Minnesota ।

ଦଫ୍‌ତର୍ ଅତ୍‌ଫାଲ୍ ଦୃଷ୍ଟିରୁ ଦଶଟି ଯମାତ୍ ହେଲେ: (1) Maryland (2) Los Angeles (3) Seattle (4) Orlando (5) Silicon Valley (6) Aston (7) Oskosh (8) Minnesota (9) Las Vegas (10) Fithcburg.

ଭାରତ ଯମାତ୍‌ର ସେହି ପ୍ରଦେଶମାନଙ୍କ ମଧ୍ୟରେ ଯେଉଁମାନେ ୱକ୍‌ଫେ ଯଦିଦ୍‌ରେ ଅର୍ଥ ଦାନ କରିଛନ୍ତି କ୍ରମାଗତ ଭାବରେ ଏଭଳି ସ୍ଥାନ ଅଧିକାର କରିଛନ୍ତି: କେରଳ, ତାମିଲନାଡୁ, ଜମ୍ମୁକଶ୍ମୀର୍, ତେଲେଙ୍ଗାନା, କର୍ଣ୍ଣାଟକ, ଓଡ଼ିଶା, ପଞ୍ଜାବ, ପଶ୍ଚିମବଙ୍ଗ, ଦିଲ୍ଲୀ ଏବଂ ଉତରପ୍ରଦେଶ ।

ଭାରତର ଦଶଟି ଯମାତ୍‌ଗୁଡ଼ିକ ହେଲେ, କୁଏମ୍ବଟୁର୍, କାଦିୟାନ୍, ପିଥାପରମ୍, ହାଇଦ୍ରାବାଦ୍, କଲିକତା, ମାଙ୍ଗାଲୋର୍, କାଲିକଟ୍, କାନୋ ଟାଉନ୍, ରିସିନଗର ଓ କେରଙ୍ଗ ।

ଅଷ୍ଟ୍ରେଲିୟାର ଦଶଟି ବଡ଼ ଯମାତ୍ ହେଉଛି: 1. Mebourne Langwarrin 2. Castle Hill 3. Marsden Park 4. Melbourne Berwick 5. Adelaide South 6. Mount Druitt 7. Penrith 8. Perth 9. Logan-East 10. BlackTown

ବୟସ୍କ ଲୋକଙ୍କ ଚାନ୍ଦା ପଇଠ କରିବାରେ ଅଷ୍ଟ୍ରେଲିୟାର ଦଶଟି ଯମାତ୍ ହେଉଛନ୍ତି ଏପରି 1. Mebourne Langwarrin 2. Castle Hill 3. Marsden Park 4. Melbourne Berwick 5. Penrith 6. Mount Druitt 7. Black Town 8. Adelaide South 9. Perth 10. Canberra.

ଅଷ୍ଟ୍ରେଲିୟାର ଦଫ୍‌ତରତ୍ ଅତ୍‌ଫାଲ୍‌ରେ ଯମାତ୍‌ଗୁଡ଼ିକ ଯଥାକ୍ରମେ ଏଭଳି ସ୍ଥାନ ଅଧିକାର କରିଛନ୍ତି: (1) Melbourne Langwarrin (2) Adelaide (3) Mebourne Berwick (4) Mount Druitt (5) Logan-East (6) Penrith (7) Castle-HIll (8) Melbourne-East (9) Perth (10) Adelaide-West ।

ଅଲ୍ଲାଃ ତାଲା ଏହି ସମସ୍ତ ବଳିଦାନକାରୀଙ୍କ ଧନଜୀବନରରେ ଅଜସ୍ର ଅଭିବୃଦ୍ଧି ପ୍ରଦାନ କରନ୍ତୁ ସେମାନଙ୍କ ଆଧାତ୍ମିକ ଅବସ୍ଥାରେ ଉନ୍ନତି ଆଣନ୍ତୁ ଏବଂ ଏହି ଲେକାମାନେ ଈଶ୍ୱରଙ୍କର ଅଧିକାର ଓ ପ୍ରାଣୀଜଗତ ପ୍ରତିଥିବା ଦାୟିତ୍ୱକୁ ସଠିକ୍‌ରୂପେ ତୁଲାନ୍ତୁ ।

ଏହି ଦିନମାନଙ୍କରେ ମୁଁ ପୂର୍ନବାର ଯେପରି ଆପଣମାନଙ୍କୁ ଆହ୍ୱାନ ଦେଉଛି କି ଆପଣମାନେ ପାକିସ୍ତାନର ଅହେମଦୀମାନଙ୍କୁ ବିଶେଷରୂପେ ଦୁଆରେ ମନେ ରଖନ୍ତୁ । ଅଲ୍ଲାଃ ତାଲା ସେମାନଙ୍କ ଅବସ୍ଥା ସୁଧାରନ୍ତୁ ଓ ଅସୁବିଧାକୁ ଦୂର କରନ୍ତୁ । ବିରୋଧିମାନଙ୍କ ହାତକୁ ଅହେମଦୀଙ୍କ ନିକଟରେ ପହଂଚିବାକୁ ରୋକନ୍ତୁ । ଯେଉଁ ବିରୋଧିମାନେ ସୁଧୁରୁନାହାନ୍ତି ସର୍ବଶକ୍ତିମାନ ଅଲ୍ଲାଃ ସେମାନଙ୍କୁ ଧରିବାର ବ୍ୟବସ୍ଥା କରନ୍ତୁ । ବନ୍ଦିମାନଙ୍କର ମୁକୁଳିବାର ଯଥାଶିଘ୍ର ମୁକ୍ତିପାଇଁ ମଧ୍ୟ ସାଧନ ସୃଷ୍ଟି କରିଦିଅନ୍ତୁ । ଯହିଁରେ ଉପଦ୍ୱୀପରେ ଥିବା ଅସିରାନେ ରାହେ ମୌଲା ଅର୍ଥାତ ଅଲ୍ଲାଃଙ୍କ ମାର୍ଗରେ ଜେଲ୍ ଦଣ୍ଡ ଭୋଗ କରୁଥିବା ଅହେମଦୀମାନେ ଅର୍ନ୍ତଭୁକ୍ତ ରହିଛନ୍ତି । ଉପଦ୍ୱୀପରେ ମଧ୍ୟ ବହୁତ ବିରୋଧ ପ୍ରଦର୍ଶନ ହେଉଛି । ସେମାନଙ୍କ ପାଇଁ ମଧ୍ୟ ପ୍ରାର୍ଥନା କରିବେ ଯେ, ଅଲ୍ଲାଃ ତାଲା ସେମାନଙ୍କୁ ଶାନ୍ତି ପ୍ରଦାନ କରନ୍ତୁ ଏବଂ ସେମାନଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । ପାକିସ୍ତାନର ଅବସ୍ଥା ମୋଟାମୋଟି ଭାବେ ଶାନ୍ତି ସାପେକ୍ଷ ନୁହେଁ ତେଣୁ ସେମାନଙ୍କ ପାଇଁ ମଧ୍ୟ ଦୁଆ କରିବେ ଅଲ୍ଲାଃ ତାଲା ସେଠାରେ ଶାନ୍ତିର ବାତାବରଣ ସୃଷ୍ଟି କରିଦିଅନ୍ତୁ । ସେମାନେ ଅର୍ଥାତ ପାକିସ୍ତାନର ଅଣଅହେଦମୀମାନେ ପରସ୍ପରର ବେକ କାଟିବାରେ ଓ ଆତଙ୍କବାଦ ଓ ବିଦ୍ରୋହ, ଦେଶଦ୍ରୋହ ଏବଂ ଦୁର୍ନୀତି ଆଦି କାର୍ଯ୍ୟରେ ନିୟୋଜିତ ହେବା ପରିବର୍ତେ ଅଲ୍ଲାଃ ତାଲାଙ୍କ ନିକଟକୁ ଆସନ୍ତୁ । ତାଙ୍କର ଛାମୁରେ ଦଣ୍ଡାୟମାନ ହୁଅନ୍ତୁ । କପଟି ଲୋକମାନଙ୍କୁ ଅଲ୍ଲାଃ ତାଲା ମୁଳପୋଛ କରନ୍ତୁ ତାହାର ବ୍ୟବସ୍ଥା କରିଦିଅନ୍ତୁ । ପ୍ରଶାସନ ଓ ସରକାରଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଏମାନେ ଲୋକମାନଙ୍କ ପ୍ରତି ପ୍ରକୃତ ସେବକ ସାଜନ୍ତୁ ଓ ନ୍ୟାୟବନ୍ତ ହୁଅନ୍ତୁ । ସେହିଭଳି ସଂସାରର ସାମାନ୍ୟବସ୍ଥା ପ୍ରସଙ୍ଗରେ ଦୁଆ କରିବେ ଯାହା ଅତ୍ୟନ୍ତ ଦ୍ରୁତ ଗତିରେ ଖରାପ ହୋଇଚାଲିଛି । ଅଲ୍ଲାଃ ତାଲା ସମସ୍ତ ମାନବଜାତିକୁ ଉଦ୍ଧାର କରନ୍ତୁ ଓ ନିଜର ଦୟା ଅବତୀର୍ଣ୍ଣ କରନ୍ତୁ । ଆମିନ୍...

⌘⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ରିଜିଅନ୍ (ଇଲାକା)ରେ ହେଉ ବା ଅନ୍ୟ କେଉଁ ରିଜିଅନ୍ ହେଉ ବା ଅନ୍ୟ କୌଣସି ରାଜ୍ୟରେ ହେଉ ।

ସେହି ମହିଳା ପତ୍ରକାରଜଣକ କହିଲେ ଯେଁ, ଏହାର ଅର୍ଥ ହେଉଛି ଏହା କି ଏହି ରିଜିଅନ୍‌ରେ ବହୁତ ଅହେମଦୀ ଥିଲେ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ହଁ, ବହୁତ ସଂଖ୍ୟାରେ ଥିଲେ । ବହୁତ ନିଷ୍ଠାବାନ୍ ଥିଲେ । ସେମାନେ ଏଠାରେ ମସ୍‌ଜିଦ୍ ନିର୍ମାଣ ହେବାପାଇଁ ଚାହୁଁଥିଲେ କାରଣ ଏହା ପ୍ୟାରିସ୍‌ଠାରୁ ବହୁତ ଦୂରରେ ଅବସ୍ଥିତ । ସେଥିଯୋଗୁଁ ଏଠାରେ ମସ୍‌ଜିଦ୍ ହେବା ଉଚିତ ଯଦ୍ୱାରା କୌଣସି ଏକ ସେଂଟର ମିଳିଯିବ ଓ ଏ ଇଲାକାରେ ଲୋକମାନଙ୍କୁ ମଧ୍ୟ ଜଣାପଡ଼ିବ ଯେ ପ୍ରକୃତ ଓ ବାସ୍ତବିକ ଇସ୍‌ଲାମ୍ କଣ ଓ ଆମେ କିପରି ଈଶ୍ୱରଙ୍କୁ ଉପାସନା କରି ତାହାଙ୍କ ପ୍ରାଣୀଜଗତର ମଧ୍ୟ ଅଧିକାର ପ୍ରଦାନ କରୁଅଛୁ ।

ସେ ପୁଣି ପଚାରିଲେ ଯେ ୟା ପୂର୍ବରୁ ଆଁପଣମାନେ କେଉଁଠାରେ ନମାଜ ପଢୁଥିଲେ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ୟା ପୂର୍ବରୁ ଗୋଟିଏ ଘରେ ନମାଜ ସେଂଟର ହୋଇଥିଲା, ସେଠାରେ ନମାଜ ପଢୁଥିଲେ ।

ପୁଣି ସେହି ମହିଳା ଜଣକ ପଚାରିଲେଁ ଯେ କଣ ଲୋକମାନେ ଏହି ଷ୍ଟ୍ରାସ୍‌ବର୍ଗରୁ ଏଠାକୁ ଆସିବେ ବା ଆଖପାଖରେ ଦେହାତି ଇଲାକାରୁ ମଧ୍ୟ ଆସିବେ ? ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଷ୍ଟ୍ରାସ୍‌ବର୍ଗର ଲୋକମାନେ ତ ନିକଟରେ ଅଛନ୍ତି କିନ୍ତୁ ଆଖପାଖରେ ଥିବା ଲୋକମାନେ ବା ଅନ୍ୟ ଅଂଚଳର ଲୋକମାନେ ମଧ୍ୟ ଏଠାକୁ ଆସିପାରିବେ । ଯେଉଁ ପର୍ଯ୍ୟନ୍ତ ଲୋକମାନଙ୍କର ପହଂଚ ଅଛି ତାହା ହେଉଛି ତାଙ୍କର Catchment Area ।

ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ: ଲଣ୍ଡନରେ ମୁସଲମାନମାନଙ୍କର ସଂଖ୍ୟା ବହୁତ ଅଧିକ ସେଠାରେ ସହର ମଝିରେ ମଧ୍ୟ ଆମର ମସ୍‌ଜିଦ୍ ଅଛି ତେଣୁ ଆମ ମସ୍‌ଜିଦ୍ ନିକଟରେ ରହୁଥିବା ଅନ୍ୟ ମୁସଲମାନମାନେ ମଧ୍ୟ ଯୁମା ନମାଜ ପଢ଼ିବା ପାଇଁ ଆସିଯାଉଛନ୍ତି ।

ସେହି ପତ୍ରକାର ଜଣକ ପୁଣି ପଚାରିଲେଁ ଯେ ଅହେମଦୀମାନଙ୍କର ଫିଲୋସଫି କଣ ? ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ଆମେ ହେଉଛୁ ଇସ୍‌ଲାମ୍ ଧର୍ମ ଉପରେ ବିଶ୍ୱାସ ରଖିଥିବା ଲୋକେ, ଯେଉଁ ଇସ୍‌ଲାମ୍‌କୁ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଆଣିଥିଲେ । ଏହି ଧର୍ମର ସାରାଂଶ ହେଉଛି ଏହାକି ସମସ୍ତ ଶକ୍ତିର ମାଲିକ ହେଉଛନ୍ତି ଈଶ୍ୱର । ପୁଣି ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କୁ ଶେଷ ଶରିୟତି (ବିଧାନ) ନବୀ ଜାଣିବା । ମୁହମ୍ମଦ ସ:ଆ:ସଙ୍କ ପରେ କୌଣସି ନୂଆ ଶରିୟତ୍ ଆସିପାରିବ ନାହିଁ ଏବଂ ପବିତ୍ର କୁର୍‌ଆନ୍‌କୁ ଶେଷ ଶରିୟତି ପୁସ୍ତକ ଜାଣିବା ଏବଂ ସେଥିରେ ଯେଉଁ ନିର୍ଦ୍ଦେଶାବଳୀଗୁଡ଼ିକ ଦିଆଯାଇଅଛି ସେ ସବୁ ଉପରେ ପରିଚାଳିତ ହେବା ଅର୍ଥାତ ଅଲ୍ଲାଃଙ୍କ ପ୍ରତି ଥିବା କର୍ତବ୍ୟ ଓ ତାହାଙ୍କ ପ୍ରାଣୀଜଗତ ପ୍ରତିଥିବା ନିର୍ଦ୍ଦେଶାବଳୀଗୁଡ଼ିକ ସାମିଲ୍ ଅଛି ।

ତତ୍‌ସହିତ ଏକଥା ଉପରେ ମଧ୍ୟ ବିଶ୍ୱାସ ରଖିବା ଯେ ଅଲ୍ଲାଃ ତାଲା ପ୍ରତ୍ୟେକ ଜାତିରେ/ସମ୍ପ୍ରଦାୟରେ ନବୀ ପ୍ରେରଣ କରିଛନ୍ତି ଏବଂ ଆମେ ସେ ସମସ୍ତ ନବୀମାନଙ୍କ ଉପରେ ବିଶ୍ୱାସ ଆଣଉଛୁ । ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲା ଲେଖିଛନ୍ତି ଯେ ସେ ପ୍ରତ୍ୟେକ ଜାତି/ ସମ୍ପ୍ରଦାୟରେ ନବୀ ପଠାଇଛନ୍ତି । ଆମେ ପ୍ରତ୍ୟେକ ନବୀଙ୍କ ଉପରେ ବିଶ୍ୱାସ ରଖିଥାଉଁ ସେମାନଙ୍କ ମଧ୍ୟରେ କିଛି ନବୀଙ୍କ ଉପରେ ଅଲ୍ଲାଃ ତାଲା ଶରିୟତ୍ (ଐଶିବିଧାନ) ଅବତୀର୍ଣ୍ଣ କରିଛନ୍ତି । ଆମେ ସେହି ପୁସ୍ତକଗୁଡ଼ିକ ଉପରେ ମଧ୍ୟ ବିଶ୍ୱାସ କରୁଅଛୁ । ଯଦି ତାହା ସଠିକ୍ ରୂପରେ ମହଜୁଦ୍ ଥିବ ।

ଆମେ ଏହା ମଧ୍ୟ ବିଶ୍ୱାସ କରୁଛୁ ଯେ ମୃତ୍ୟୁ ପରେ ଆଉ ଏକ ଜୀବନ ଆରମ୍ଭ ହେବ, ଯେଉଁଠି ହିସାବ ନିକାଶ ହେବ । ପୂଣ୍ୟକର୍ମ କରିଥିବା ଲୋକମାନଙ୍କୁ ଅଲ୍ଲାଃ ତାଲା ପୁରସ୍କାର ଦେବେ ଏବଂ ଖରାପ କାମ କରିଥିବା ଲୋକମାନଙ୍କୁ ଦଣ୍ଡ ଦେବେ । ଆମେ ଏ କଥାରେ ମଧ୍ୟ ବିଶ୍ୱାସ ରଖୁଛୁ ଯେ ଏପରି ଏକ ସମୟ ଆସିବ କି ଦଣ୍ଡ ଭୋଗୁଥିବା ସମସ୍ତ ଲୋକମାନଙ୍କୁ ଅଲ୍ଲାଃ ତାଲା କ୍ଷମା ମଧ୍ୟ ଦେବେ ଓ ସମସ୍ତଙ୍କୁ ଗୋଟିଏ ସ୍ଥାନରେ ବୈକୁଣ୍ଠରେ ଏକାଠି କରିଦେବେ ।

ସେହି ମହିଳା ଜର୍ନାଲିଷ୍ଟ ଜଣକ ପଚାରିଲେଁ ଯେ କଣ ମୁଁ ଆଉ ଦୁଇଟି ପ୍ରଶ୍ନ ପଚାରି ପାରିବି କି ? ହଜୁର ଅନଓ୍ୱର ଅ:ବ:ଅ ଏଥିପାଇଁ ଅନୁମତି ପ୍ରଦାନ କଲେ ।

ସେ ପଚାରିଲେ ଯେ କଣ ଆପଣମାନେଁ ସାରା ୟୁରୋପ୍‌ରେ ଏଥିଯୋଗୁଁ ମସ୍‌ଜିଦ୍ ନିର୍ମାଣ କରୁଛନ୍ତି ଯେ ଅନ୍ୟାନ୍ୟ ଦେଶଗୁଡ଼ିକରେ ଆପଣମାନଙ୍କ ଉପରେ ଯେଉଁ ଅତ୍ୟାଚାର କରାଯାଉଅଛି, ସେଥିପ୍ରତି ଧ୍ୟାନ ଆକର୍ଷଣ କରିପାରିବେ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆମେ ମସ୍‌ଜିଦ୍‌ଗୁଡ଼ିକୁ ଲୋକ ଦେଖାଣିଆ ଭାବେ ନିର୍ମାଣ କରିନଥାଉ । ଆମେ ତ ସେହି ସ୍ଥାନରେ ଏହା ବନାଇଥାଉଁ ଯେଉଁଠି ଆମ ଯମାତ୍‌ର ଲୋକମାନେ ବସବାସ କରୁଥାନ୍ତି ଓ ଉପାସନା ପାଇଁ ସେମାନଙ୍କ ନିମନ୍ତେ ଏକ ସ୍ଥାନ ହେବା ଉଚିତ ଯଦ୍ୱାରା ସେମାନେ ଗୋଟିଏ ସ୍ଥାନରେ ଏକାଠି ହୋଇପାରିବେ ଓ ଅନ୍ୟାନ୍ୟ ପ୍ରୋଗ୍ରାମଗୁଡ଼ିକ ମଧ୍ୟ କରିପାରିବେ । ପୁଣି ଯେତେବେଳେ ମସ୍‌ଜିଦ୍ ନିର୍ମାଣ ହୋଇଥାଏ ସେତେବେଳେ ଲୋକମାନେ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ବିଷୟରେ ଅବଗତ ହୋଇଥାନ୍ତି । ବାକି ପର୍‌ସିକ୍ୟୁସନ୍ ସହିତ ଏହାର କିଛି ସମ୍ବନ୍ଧ ନାହିଁ । ହଁ ଆମେ ଏ ବିଶ୍ୱାସ ରଖୁଛୁ ଯେ ଆମକୁ ଯେତେ ଦବାଇଦେବା ପାଇଁ ଚେଷ୍ଟା କରାଯାଉଛି ଅଲ୍ଲାଃ ତାଲା ସେତେ ଆମ ଉପରେ କୃପା କରୁଛନ୍ତି । ଯେଉଁଠି ଆମର ଗୋଟିଏ ମସ୍‌ଜିଦ୍ ନେଇ ନିଆଯାଉଛି ସେଠାରେ ଅଲ୍ଲାଃ ତାଲା ଆମକୁ ଆହୁରି ଦଶଟି ମସ୍‌ଜିଦ୍ ପ୍ରଦାନ କରୁଛନ୍ତି ।

ଆଜି ମଧ୍ୟ ମୁଁ ଏହି କଥା କହିଛି ଯେ ଯଦି ଉପାସନାର ହକ୍ ପ୍ରଦାନ କରାନଯାଏ ଓ ଅଲ୍ଲାଃଙ୍କ ପ୍ରାଣୀଜଗତର ହକ୍ ଦିଆନଯାଏ ତା'ହେଲେ ମସ୍‌ଜିଦ୍ ତିଆରି କରିବାର କିଛି ଲାଭ ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆଫ୍ରିକାରେ ଆମେ ଶହ ଶହ ମସ୍‌ଜିଦ୍ ବନାଇଛୁ ତତ୍‌ସହିତ ମଧ୍ୟ ସେଠାରେ ବହୁତ ଜନସେବା ମୂଳକ କାର୍ଯ୍ୟ କରୁଅଛୁ । ଲୋକମାନଙ୍କୁ ପାଣି ଦେବା, ବିଜୁଳି ଯୋଗାଇ ଦେବା, ଶିକ୍ଷା ଦେବା ଏବଂ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଇତ୍ୟାଦି ଏହିଭଳି ଆମର ସବୁ କାର୍ଯ୍ୟ ଚାଲିଛି । କେବଳ ଅହେମଦୀମାନଙ୍କୁ ହିଁ ଏ ସବୁ ଯୋଗାଇ ଦିଆଯାଉନାହିଁ ବରଂ ୮୦ ପ୍ରତିଶତରୁ ଅଧିକ ଅଣ ଅହେମଦୀମାନେ ଏହି ଯୋଜନାଗୁଡ଼ିକରୁ ଲାଭ ଉଠାଉଛ ନ୍ତି । କିନ୍ତୁ ଯେହେତୁ ସେଠାରେ ଅହେମଦୀମାନଙ୍କର ସଂଖ୍ୟା ଅଧିକ ତେଣୁ ସେଠାରେ ମସ୍‌ଜିଦ୍ ମଧ୍ୟ ନିର୍ମାଣ କରାଯାଉଅଛି ।

ଦ୍ୱିତୀୟ ପ୍ରଶ୍ନ ପଚାରି ସେହି ମହିଳା ଜଣକ କହିଲେ ଯେ, ଆପଣ ଗୋଟିଏ ମଲ୍ଟିପ୍ରପୋଜ ହଲ୍ ବିଷୟରେ କହିଛନ୍ତି କଣ ସେହି ହଲ୍‌ରେ ଅନ୍ୟ ସମ୍ପ୍ରଦାୟର ଲୋକମାନେ ପ୍ରୋଗ୍ରାମ କରିପାରିବେ କି ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ହଁ ଅନ୍ୟ କମ୍ୟୁନିଟିର ପ୍ରୋଗ୍ରାମ ମଧ୍ୟ ଏଠାରେ ଅନୁଷ୍ଠିତ ହେଉଅଛି । ଏଜୁକେଶନାଲ୍ ପ୍ରୋଗ୍ରାମ ମଧ୍ୟ ଅନୁଷ୍ଠିତ ହେଉଅଛି । ସେହି ଭଳି ଇଣ୍ଡୋରଗେମ୍‌ସର ମଧ୍ୟ ବ୍ୟବସ୍ଥା କରାଯାଉଅଛି । ଆଖପାଖର ଲୋକ ଆସି ଏଠାରେ ଖେଳୁଛନ୍ତି । ଏହିଭଳି ଅନେକ ସ୍ଥାନରେ ଯେମିତି କରାଯାଏ ଏଠାରେ ବି

ସେହିଭଳି କାର୍ଯ୍ୟକ୍ରମ ହେବ ତେଣୁ ଏହାକୁ କିଏ ବି ବ୍ୟବହାର କରିପାରିବେ ।

ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ, ୟୁକେରେ ତ କିଛି ଚ୍ୟାରିଟି ଏବଂ କେତେକ ରାଜନେତାମାନେ ମଧ୍ୟ ଏଠାରେ ପ୍ରୋଗ୍ରାମ କରିଥାନ୍ତି ।

ପୁଣି ସେ ମହିଳା ଜଣକ ପଚାରିଲେ ଯେ କଣ ମୁଁ ଗୋଟିଏ ଶେଷ ପ୍ରଶ୍ନ କରିପାରିବ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ ସ୍ମିତ ହାସ୍ୟ ଦେଇ କହିଲେ, ଠିକ୍ ଅଛି ଶେଷ ପ୍ରଶ୍ନ ପଚାରିନିଅ ।

ପୁଣି ସେ ପଚାରିଲେ ଯେ, ଏବେ ଏବେ ଫ୍ରାନ୍ସରେ ପୋଲିସ କର୍ମଚାରୀଙ୍କୁ ଯେପରି ଚାଖୁ ମରାଯାଇଅଛି ଏଥିରେ ଆପଣଙ୍କର କଣ ପ୍ରତିକ୍ରିୟା ମୁଁ ଜାଣିବାକୁ ଚାହେଁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ପ୍ରଥମେ ତ ହେଉଛି ଏହା କି ଯେଉଁ ବ୍ୟକ୍ତିଜଣକ ମାରିଥିଲା ସେ ମୁସଲମାନ ହିଁ ନଥିଲା । ସେ ତ' ତାଙ୍କ ଡ଼ିପାର୍ଟମେଂଟର ଲୋକ ଥିଲା କିନ୍ତୁ ସେ ଯାହା କିଛି କରିଛି ଭୁଲ କରିଛି ସେ ପୋଲିସବାଲାକୁ ମାରୁ ବା ଅନ୍ୟ କୌଣସି ଲୋକକୁ ମାରୁ । ଯିଏ ବି ଏ କାମ କରିଛି ବହୁତ ଖରାପ କାମ କରିଛି । ନିଜ ହାତରେ କାନୁନ ବ୍ୟବସ୍ଥାକୁ ନେବା ଇସ୍‌ଲାମ୍ ଖଣ୍ଡନ କରିଥାଏ । ଇସ୍‌ଲାମ୍ ଏହିଭଳି ବର୍ବର କାଣ୍ଡର ବିରୋଧ କରେ ଏପରି ହେବା ଠିକ୍ ନୁହେଁ । ଆମର ସହାନୁଭୂତି ସେହି ପିଡ଼ୀତଙ୍କ ସହିତ ରହିଛି ଓ ତାଙ୍କ ପରିବାର ସହିତ ରହିଛି । ଆମେ ପିଡ଼ିତ ପରିବାରଙ୍କୁ ନିଜର ସହାନୁଭୂତି ମଧ୍ୟ ଜଣାଇ ସାରିଛୁ । ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ, ପବିତ୍ର କୋରାନ୍‌ରେ ଲେଖାଯାଇଛି ଯେ, ଏହିଭଳି ବିନା କାରଣରେ କାନୁନକୁ ନିଜ ହାତରେ ନେଇ କାହାକୁ ହତ୍ୟା କରିବା ହେଉଛି ଏପରି ଯେପରି ସେ ସମଗ୍ର ମାନବଜାତିକୁ ହତ୍ୟା କରିଦେଇଛି ।

ଏହି ପ୍ରେସ କନ୍‌ଫେରନ୍ସ ପାଖାପାଖି ୨୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା ତା'ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଫ୍ୟାମିଲି ସାକ୍ଷାତକାର**

ଏହାପରେ ପ୍ରୋଗ୍ରାମ ମୁତାବକ ଠିକ୍ ସଂନ୍ଧ୍ୟା ୬:୪୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଦଫ୍‌ତରରେ ପଦାର୍ପଣ କଲେ ଏବଂ ସେଠାରେ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା । ଆଜି ଏହି ସଂନ୍ଧ୍ୟାର ସେସନ୍‌ରେ ୨୮ ଫ୍ୟାମିଲିରୁ ୯୭ଜଣ ସଦସ୍ୟ ଏତଦ୍‌ବ୍ୟତିତ ଦଶଜଣ ବ୍ୟକ୍ତିଗତ ରୂପେ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସାକ୍ଷାତ କରିବାକୁ ଆସିଥିବା ଏହି ଫ୍ୟାମିଲିଗୁଡ଼ିକ ଓ ଅନ୍ୟାନ୍ୟ ଲୋକମାନେ ଷ୍ଟ୍ରାସ୍‌ବର୍ଗ ଯମାତ୍ ବ୍ୟତିତ ପ୍ୟାରିସ୍, Epernay, Yvelines, Lyon Saint Denis & Lile ଇଲାକାରୁ ଆସିଥିଲେ । ଏତଦ୍‌ବ୍ୟତିତ ଜର୍ମାନୀରୁ ଆସିଥିବା ଜଣେ ମହିଳା ମଧ୍ୟ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ । ଅନେକ ଫ୍ୟାମିଲି ସାକ୍ଷାତ କରିବାପାଇଁ ବହୁତ ଦୂର ଓ ଲମ୍ବା ରାସ୍ତା ଯାତ୍ରା କରି ଏଠାରେ ପହଂଚିଥିଲେ । ଏପର୍ଣ୍ଣେରୁ ଆସିଥିବା ଫ୍ୟାମିଲି ୩୫୫ କିମି, ପ୍ୟାରିସ୍‌ରୁ ୪୯୦ କିଲୋମିଟର, ଲେୟନ୍‌ରୁ ୪୯୫ କିଲୋମିଟର ଏବଂ ଲିଲେ ସହରରୁ ଆସିଥିବା ସଦସ୍ୟମାନେ ୫୨୫ କିଲୋମିଟର ଦୂରତା ଅତିକ୍ରମ କରି ଏଠାରେ ପହଂଚିଥିଲେ ।

ଏମାନେ ସମସ୍ତେ ନିଜ ପ୍ରୀୟ ହଜୁରଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଏବଂ ଛୋଟ ଛୋଟ ପୁଅ ଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ସାକ୍ଷାତକାରର ଏହି ପ୍ରୋଗ୍ରାମ ୮:୨୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ମୁବାରକ୍‌ରେ ପଦାର୍ପଣ କରି ମଗ୍‌ରିବ ଏବଂ ଇସା ନମାଜ ଯମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**୧୨ ଅକ୍ଟୋବର ୨୦୧୯ (ଶନିବାର)**

ହଜୁର ଅନଓ୍ୱର ଅ:ବ:ଅ ଠିକ୍ ଭୋର୍ ୬:୩୦ ମିନିଟରେ ମସ୍‌ଜିଦ ମେହେଦୀଠାରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ ଓ ନମାଜ ପାଠ ପରେ ନିଜ ଆବାବସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ମଜି ରହିଲେ । ଦିନ ୧:୪୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଦଫ୍‌ତରକୁ ଆସିଲେ ଏବଂ ସେଠାରେ ମୁକରମ୍ ମୁବାରକ୍ ଅହେମଦ୍ ଜଫର୍ ସାହେବ୍ ଆଡ଼ିସ୍‌ନାଲ ଓ୍ୱକିଲୁଲ୍ ମାଲ୍ ଲଣ୍ଡନ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଦଫ୍‌ତରି ସାକ୍ଷାତକାର କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ତା'ପରେ ଠିକ୍ ୨:୦୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ମେହେଦୀରେ ପହଂଚି ଯୋହର୍ ଏବଂ ଅସର୍ ନମାଜ ଯମା କରି ପଢ଼ାଇଲେ । ନମାଜ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ମସ୍‌ଜିଦ୍ ମେହେଦୀର ଉଦ୍‌ଘାଟନି ଉତ୍ସବ**

ଆଜି ପ୍ରୋଗ୍ରାମ ମୁତାବକ "ମସ୍‌ଜିଦ୍ ମେହେଦୀ"ର ଉଦ୍‌ଘାଟନୀ ଉତ୍ସବ ମସ୍‌ଜିଦ୍ ମେହେଦୀ ସହିତ ସଲଗ୍ନ ଥିବା ହଲ୍‌ରେ ଅନୁଷ୍ଠିତ କରାଯାଇଥିଲା । ଏହି ଉତ୍ସବରେ ମୋଟମୋଟି ୧୯୧ ଜଣ ଅତିଥି ସାମିଲ ହୋଇଥିଲେ । ଅଲ୍ଲାଃଙ୍କ କୃପାରୁ ଆଶାଠାରୁ ଅଧିକ ଅତିଥି ଉପସ୍ଥିତ ଥିଲେ । ଏହି ଅତିଥିମାନଙ୍କ ମଧ୍ୟରେ Member of National Parliament Ms. Martine Wonner, Mayer of Hurtigheim Mr. Jean-Jacques Ruch, Deputy Mayer of Hurtighem Mr. Claude Grimm, Mayer of Quatzenheim Mr. Christian Libert, Mayer of Kienheim Mr. Luc Ginzc, Chairman of District Council Mr. Justin Vogel, Vice President County Council Mr. Etienne Burger ସାମିଲ ଥିଲେ । ଏତଦ୍‌ବ୍ୟତିତ ବିଭିନ୍ନ ଧର୍ମର ପ୍ରତିନିଧିମାନେ ମଧ୍ୟ ଆସି ଯୋଗ ଦେଇଥିଲେ ସେମାନଙ୍କ ମଧ୍ୟରେ Mr. Christian Albecker President of Association of Christian Protentance Alsace Moselle, Mme la Pasteur Claire de Lattre-Duchet Women Minister of Hurtighem Church, Member of Europian Institution Tibetian Buddhists Mr. Dominique Lejonne, Mr. Michael O'Boyle (Bhakti Mandir Hindu), & Mr. Ernest Winstein President Union of Labour Protestant. ସାମିଲ ଥିଲେ । ସେମାନଙ୍କ ବ୍ୟତିତ ବିଭିନ୍ନ ଆଶୋସିଏସନ୍‌ର ସଭାପତିମାନେ, ଓକିଲଗଣ, ଆର୍କିଟେକ୍ଟ, ପ୍ରାଫେସର, ଡ଼ାକ୍ତର, ଟିଚର, ବ୍ୟବସାୟୀ ଏବଂ ବିଭିନ୍ନ କାର୍ଯ୍ୟାଳୟ ସହିତ ସମ୍ବନ୍ଧିତ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଏଥିରେ ସାମିଲ ହୋଇଥିଲେ ।

**ହଜୁର ଅନଓ୍ୱର ଅ:ବ:ଅଙ୍କୁ ଗାର୍ଡ଼ ଅଫ୍ ହନର୍**

ପ୍ରୋଗ୍ରାମ ମୁତାବକ ଏହି ଉତ୍ସବରେ ସାମିଲ ହେବାପାଇଁ ଠିକ୍ ୩ ଟା ବାଜି ଦଶ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବସସ୍ଥଳୀରୁ ବାହାରକୁ ବାହାରିଲେ । ହଲ୍‌ର ବାହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାମିଲ ହୋଇଥିବା ସେନାର ଅଫିସରମାନେ ଏବଂ ଅନ୍ୟ କେତେକ ସୈନିକ ପ୍ରତିନିଧି ମୋଟ୍ ଦଶଜଣ ବିଶିଷ୍ଟ ବ୍ୟକ୍ତିବିଶେଷ ନିଜ ନିଜର ସୈନିକବସ୍ତ୍ର ପରିଧାନ କରି ସମ୍ମାନର ସହିତ ନିଜ ନିଜର ଧ୍ୱଜାକୁ ଟେକି ଧରିଥିଲେ । ହଜୁର ଅନଓ୍ୱର ଅ:ବ:ଅଙ୍କୁ ଗାର୍ଡ଼ ଅଫ୍ ହନର୍ ଦେବାପାଇଁ ଏମାନେ ଦୁଇଟି ଧାଡ଼ିରେ ଛିଡ଼ା ହୋଇଥିଲେ ।

ହଜୁର ଅନଓ୍ୱର ଅ:ବ:ଅ ଏମାନଙ୍କ ମଧ୍ୟମାର୍ଗ ଦେଇ ହଲ୍ ଭିତରକୁ ପ୍ରବେଶ କଲେ, ଯେଉଁଠାରେ ସମସ୍ତ ଅତିଥିଗଣ ନିଜ ନିଜର ସ୍ଥାନ ଅଧିଗ୍ରହଣ କରି ବସି ରହିଥିଲେ ।

ପ୍ରୋଗ୍ରାମରର ଶୁଭାରମ୍ଭ ପବିତ୍ର କୋରାନ୍‌ର ଆବୃତି ସହିତ ହେଲା । ତାହା ମୁକରମ୍ ହାଫିଜ୍ ବାବର ମନ୍‌ସୁର୍ ସାହେବ୍ ଉପସ୍ଥାପନ କଲେ ଏବଂ ତାହାର ଫ୍ରେନ୍‌ଚ ଅନୁବାଦ ମୁକରମ୍ ଫୈସଲ୍ ଯେମାଇ ସାହେବ ସଦର୍ ମକାନି ଯମାତ୍ ପଢ଼ି ଶୁଣାଇଲେ । ତା'ପରେ ଅମୀର ସାହେବ ଫ୍ରାନ୍ସ ନିଜର ସ୍ୱାଗତମୂଳକ ଅଭିଭାଷଣ ଉପସ୍ଥାପନ କଲେ । ତା'ପରେ ମୁହମ୍ମଦ ଅତହର୍ କାହଲୁଁ ସାହେବ୍ ସେକ୍ରେଟାରି ଉମୁରେ ଖାରିଜା ହର୍ଟିଗେମ୍ ଯମାତ୍ ଅମେହଦୀୟାର ପରିଚୟ ଉପରେ ଆଧାରିତ ସଂକ୍ଷିପ୍ତ ଟିପ୍ପଣୀ ଉପସ୍ଥାପନ କଲେ ।

**ସମ୍ମାନନୀୟ ଅତିଥିମାନଙ୍କର ଅଭିଭାଷଣ**

ତା'ପରେ ହର୍ଟିଜେମ୍‌ର ମେୟର ଜିନ୍ ଜ୍ୟାକସ୍ ରଚ୍ ନିଜର ଅଭିଭାଷଣ ଉପସ୍ଥାପନ କରି କହିଲେ, ମୁଁ ଅହେମୀଦମାନଙ୍କର ପଂଚମ ଖଲିଫା ହଜ୍‌ରତ୍ ମିର୍ଜା ମସ୍‌ରୁର୍ ଅହେମଦ୍‌ଙ୍କୁ ଏହି ସହରରେ ସ୍ୱାଗତ ଜଣାଉଛି । ତିନିବର୍ଷ ପୂର୍ବେ ଯେତେବେଳେ ଏହି ମସ୍‌ଜିଦ୍‌ର ଭିତିପ୍ରସ୍ତର ସ୍ଥାପନ କରାଗଲା । ସେତେବେଳେ ଆପଣମାନେ ମୋ ବିଷୟରେ ଏ ଚର୍ଚ୍ଚା କରିଥିଲେ ଯେ, କିଛିଟା କମ୍ ଉତ୍ସାହ ଦେଖିବାକୁ ମିଳିଲା । ସେତେବେଳେ ମୁଁ ଏ ଉତର ଦେଇଥିଲି ଯେ, ଆମେ ଆମ ସହରରେ କାମ ସମ୍ପୁର୍ଣ୍ଣ ହେବାପରେ ଖୁସି ପାଳନ କରିଥାଉ । ଅତଏବ ଆଜି ହେଉଛି ଖୁସିର ଅବସର ଓ ମୋର ସମସ୍ତ ସାଥିମାନେ ଯେଉଁମାନେ ଏଠାରେ ମହ୍‌ଜୁଦ୍ ଅଛନ୍ତି ସେମାନେ ଏହାର ସାକ୍ଷୀ ଅଟନ୍ତି ।

ଆମ ଭଳିକା ଦେହାତି ଇଲାକାରେ ଗୋଟିଏ ମସ୍‌ଜିଦ୍‌ର ଉଦ୍‌ଘାଟନ ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କଥା । ବିଶେଷରୂପେ ଆମ ଇଲାକାରେ ଯେଉଁଠି କିଛି ପୁରୁଣା ପ୍ରଥା ଶହ ଶହ ବର୍ଷ ଚାଲିଆସିଛି । ମୁଁ ଖୋଲାଖୋଲି ଭାବେ ଏ କଥା ଘୋଷଣା କରି କହୁଛି ଯେ , ଯେତେକ ଲୋକ ଏଠାରେ ଅଛନ୍ତି ସେମାନେ ସମସ୍ତେ ଆପଣଙ୍କୁ ସମର୍ଥନ କରୁଛନ୍ତି କିନ୍ତୁ ବହୁତ ଲୋକେ ଯେଉଁମାନେ ଆପଣଙ୍କ ଯମାତ୍‌କୁ ଜାଣିନାହାନ୍ତି ସେମାନେ ମତେ ପଚାରୁଛନ୍ତି ଓ ପଚାରିବେ ଯେ, ମୁଁ ଏହି ମସ୍‌ଜିଦ୍‌କୁ ନିର୍ମାଣ କରିବାପାଇଁ କାହିଁକି ଅନୁମତି ଦେଲି । ଏବେ ସେମାନେ ମତେ ଏହାର କାରଣ ପଚାରିବେ ଯେ, ମୁଁ କାହିଁକି ଏ ଉତ୍ସବରେ ଯୋଗ ଦେଲି । ମୁଁ ଆପଣଙ୍କୁ ଏବଂ ସେମାନଙ୍କୁ ଏହି ଉତର ଦେଉଛି ଯେ, ମୋର ଯେଉଁ ବ୍ୟବହାର ରହିଛି ତାହା ଆମ କାନୁନ୍ ମୁତାବକ ଅଟେ । ଆଜି ମୁଁ ଏଠାକୁ ଜଣେ ସରକାରୀ ପ୍ରତିନିଧିଭାବେ ଆସିଛି । ଆମ ରାଷ୍ଟ୍ର ହେଉଛି ସେକୁଲାର୍ ରାଷ୍ଟ୍ର ଓ ଆମ ରାଷ୍ଟ୍ର ଭାଇଚାରାକୁ ପ୍ରୋତ୍ସାହିତ କରିଥାଏ । ଆମ ରାଷ୍ଟ୍ରର ମୋଟ ହେଉଛି ସ୍ୱାଧିନତା, ସମାନତା ଏବଂ ଭାଇଚାରା । ଏହି ମୋଟୋ ଯମାତ୍ ଅହେମଦୀୟାର ମୋଟୋ "ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନାହିଁ" ସଦୃଶ । କିନ୍ତୁ ଅନ୍ୟମାନଙ୍କୁ ପ୍ରଭାବିତ କରିବାକୁ ହେଲେ ସମୟ ଲାଗିବ ଏବଂ ଆମକୁ ସର୍ତକତା ଅବଲମ୍ବନ କରିବାକୁ ପଡ଼ିବ । ଆମ ଦେହାତି ଇଲାକାରେ ମସ୍‌ଜିଦ୍‌ର ଆବଶ୍ୟକତା ଅଛି ତେଣୁ ସେଥିରେ କିଛି ସମୟ ଲାଗିବ । ଆମ ସହରରେ ଆପଣଙ୍କ ଯମାତ୍ ସାତବର୍ଷ ହେବ ରହିଆସୁଅଛି ଓ ସ୍ଥାନୀୟ ଲୋକମାନେ ଆପଣମାନଙ୍କୁ ସ୍ୱାଗତ କରିଛନ୍ତି । ଆପଣଙ୍କ ଯମାତ୍ ମଧ୍ୟ ଆମର ବିଭିନ୍ନ ପ୍ରୋଗ୍ରାମଗୁଡ଼ିକରେ ଯୋଗ ଦେଇଥାଏ ଯଦି ଆମେ ଏହିଭଳି ମିଳିମିଶି କାମ କରିବା ତେବେ ସମୟ ଅତିବାହିତ ହେବା ସଙ୍ଗେ ସବୁକିଛି ଠିକ୍ ହୋଇଯିବ ।

ଏହାପରେ Mayer of Truchtersheim & President of Municipality Kochesberg Justin Vogel ନିଜର ଅଭିଭାଷଣ ପ୍ରଦାନ କରି କହିଲେ, ଏହି ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବରେ ସାମିଲ ହେବା ମୋ ପାଇଁ ଗୌରବର ବିଷୟ । ଆମ ଇଲାକାରେ ଏହି ମସ୍‌ଜିଦ୍‌ର

ଉଦ୍‌ଘାଟନୀ ଉତ୍ସବ ଏକ ଐତିହାସିକ ଘଟଣା । ମୁଁ ଏକଥାକୁ ଖୋଲାଖୋଲି ଭାବେ ପ୍ରକାଶ କରୁଛି ଯେ, ଆରମ୍ଭରେ ମତେ କିଛିଟା ଶଙ୍କା ଥିଲା କିନ୍ତୁ ଯେତେବେଳେ ମତେ ଜଣାପଡ଼ିଲା ଯେ, ଆପଣମାନଙ୍କର ମୋଟୋ ହେଉଛି "ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନାହିଁ" ସେତେବେଳେ ମୁଁ ମୋର ମନଭାବକୁ ବଦଳାଇ ଦେଲି । ବିଶେଷରୂପେ ଏପରି ପରିବେଶରେ ଯେଉଁଠି ବର୍ଣ୍ଣବୈଶମ, ସ୍ୱତନ୍ତ୍ର ବ୍ୟବହାର ଏବଂ ଅତ୍ୟାଚାର ହେଉଥିବ ସେଠାରେ ପ୍ରେମ ଓ ସ୍ନେହର କଥା କହିବା ଅତ୍ୟନ୍ତ ପ୍ରଶଂସନୀୟ । ଏପରି ଏକ ପରିବେଶରେ ଯେଉଁଠି କେବଳ ନିଜର ଅଧିକାର ପ୍ରତି ଜୋର୍ ଦିଆଯାଉଥିବ ଓ କର୍ତ୍ତବ୍ୟକୁ ଅଣଦେଖା କରାଯାଉଥିବ ।

ଏବେ ମୋର ବିଶ୍ୱାସ ଅଛି ଯେ, ଆପଣଙ୍କ ଯମାତ୍ ଘୃଣା ବିରୋଧି ଅଟେ ଏବଂ ପ୍ରେମକୁ ପ୍ରୋତ୍ସାହିତ କରିବାକୁ ଚାହିଁଥାଏ । ମୋର ଏ ଆନ୍ତରିକ ଇଚ୍ଛା ଯେ, ଆପଣଙ୍କ ଯମାତ୍ ଏହି କ୍ରମରେ ଆହୁରି ଅଧିକ କାମ କରିଚାଲୁ । ଯଦ୍ୱାରା ଆମେ ଆସନ୍ତା ପୀଢ଼ୀକୁ ଆଶାବାନ ରଖିପାରିବା ।

ଏହାପରେ Vice President of County Council Bas-Rhin & Mayer of Kuttolsheim Etienne Burger ମଧ୍ଧ ଏହି ପ୍ରୋଗ୍ରାମରେ ସାମିଲ ଥିଲେ । ସେମାନେ ନିଜ ଅଭିଭାଷଣରେ କହିଲେ, ଆମ ରିଜିଅନ୍‌ରେ ପ୍ରତ୍ୟେକ ଧର୍ମର ଗୁରୁତ୍ୱ ରହିଛି । ଆମର ସମାଜ ପ୍ରତ୍ୟେକ ବ୍ୟକ୍ତି ପାଇଁ ଖୋଲା ରହିଛି । ଆମେ ପ୍ରତ୍ୟେକ ଧର୍ମକୁ ମାନୁଥିବା ଲୋକମାନଙ୍କୁ ସମ୍ମାନର ଦୃଷ୍ଟିରେ ଦେଖିଥାଉଁ । ବହୁତ ଖୁସୀର କଥା ହେଉଛି ଏହା କି ଅହେମଦୀମାନଙ୍କର ମସ୍‌ଜିଦ୍ ମଧ୍ଧ ଆମ ଇଲାକାରେ ରହିଛି । ଯମାତ୍ ଅହେମଦୀୟା ଆମ ଇଲାକାରେ ନୂଆ ଏବଂ ପ୍ରତ୍ୟେକ ନିର୍ବାଚିତ ଓ୍ୱହଦଦାର୍‌ମାନଙ୍କୁ ଏହା ଆବଶ୍ୟକ ଯେ, ସେମାନେ ଏହି ଯମାତ୍ ସମ୍ବନ୍ଧରେ ଅଧିକ ଜାଣନ୍ତୁ । ଏହା ବହୁତ ଜରୁରୀ ଅଟେ କାରଣ ଅହେମଦୀ ମୁସଲମାନ ଚରମପନ୍ଥୀ ମୁସଲମାନଙ୍କ ପରି ନୁହନ୍ତି । ଏହି ଉତ୍ସବରେ ଆମର ସାମିଲ ହେବା ଆମ ବନ୍ଧୁତ୍ୱର ପରିପ୍ରକାଶ । ଆମେ ଧର୍ମ ଧର୍ମ ମଧ୍ଧରେ ବାର୍ତ୍ତାଳାପ କରିବା ଉପରେ ବିଶ୍ୱାସ ରଖିଥାଉଁ ଏହା ଦ୍ୱାରା ଆମକୁ ଫିର୍‌କା ଫରସ୍ତି, କୁମ୍ଭା ପରସ୍ତି ଏବଂ ଚରମପନ୍ଥୀମାନଙ୍କ ବିରୋଧରେ ଲଢ଼ିପାରିବା । ମୁଁ ଆପଣମାନଙ୍କୁ ଏହି ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ପାଇଁ ମୁବାରକ୍ ବାଦ୍ (ଶୁଭେଚ୍ଛା ଜଣାଉଛି) ।

ଏହାପରେ ହର୍ଟିଜେମ୍‌ରୁ ମେମ୍ବର ଅଫ୍ ପାର୍ଲାମେଂଟ୍ Martin Wonner ନିଜର ଅଭିଭାଷଣ ଉପସ୍ଥାପନ କରି କହିଲେ, ଆଜିକାଲି ଯେଉଁ ପରିସ୍ଥିତି ଅଛି ସେଥିରେ ମସ୍‌ଜିଦ୍ ଉଦ୍‌ଘାଟନ କରିବା କିଛି ସାଧାରଣ କଥା ନୁହେଁ । ଏହା ଦ୍ୱାରା ଆଶା ସୃଷ୍ଟି ହୋଇଥାଏ । ଏହି ଉତ୍ସବରେ ମୋର ସାମିଲ ହେବା ଅତ୍ୟନ୍ତ ଜରୁରୀ ଥିଲା ଦୁଃଖର କଥା ହେଉଛି ଏହାକି କିଛି ଲୋକ ନିଜର ଜ୍ଞାନର ଅଭାବ ଯୋଗୁଁ ଅନ୍ୟମାନଙ୍କୁ ଭୟ କରୁଛନ୍ତି । ସେମାନେ ସମାଜର ପରିବର୍ତ୍ତନକୁ ମାନିବାପାଇଁ ପ୍ରସ୍ତୁତ ନୁହନ୍ତି । କେତେକ ଲୋକ ଏପରି ଅଛନ୍ତି ଯେଉଁମାନେ ଅନ୍ୟର କଥାକୁ ଶୁଣିବାପାଇଁ ପ୍ରସ୍ତୁତ ନାହାନ୍ତି । ଆମେ କଣ କରିପାରିବା ? ଆମେ ସେହି ଲୋକମାନଙ୍କୁ କଣ ଉତର ଦେଇପାରିବା ଯେଉଁମାନେ ସମସ୍ତଙ୍କ ସହିତ ଘୃଣାଭାବ ରଖୁଛନ୍ତି ଓ କାହାକୁ ମଧ୍ଧ ଭଲ ପାଉନାହାନ୍ତି ? ଆମ ତରଫରୁ ଗୋଟିଏ ମସ୍‌ଜିଦ୍ ଉଦ୍‌ଘାଟନ କରିବା ସେମାନଙ୍କ ପାଇଁ ଉତର ଅଟେ । ଆମ ତରଫରୁ ସେମାନଙ୍କୁ ଏହି ଉତର ଦିଆଯାଉଛି ଯେ, "ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନାହିଁ" ।

ମୁଁ ଏଠାରେ ପବିତ୍ର କୋରାନ୍‌ରୁ ଗୋଟିଏ ଆୟତ ଉପସ୍ଥାପନ କରୁଛି । ଜଣେ ବ୍ୟକ୍ତିକୁ ହତ୍ୟା କରିବା ହେଉଛି ସମଗ୍ର ମାନବଜାତିକୁ ହତ୍ୟା କରିବା । ଏହି ଆୟତ ହେଉଛି ଆମର ଆଶା ସଂଚାର କରିଥାଏ । ଇସ୍‌ଲାମ୍ ହେଉଛି ଏକ ଶାନ୍ତିପ୍ରୀୟ ଧର୍ମ । ଇସ୍‌ଲାମ୍ ହେଉଛି ପ୍ରେମ ଓ ସୌହାର୍ଦ୍ଧ୍ୟର ଧର୍ମ । ଇସ୍‌ଲାମ୍ ହେଉଛି ସହଯୋଗ ଓ ଦୟାର ଧର୍ମ । ମୁଁ ଚାହୁଁଛି ଯେ, ଏହି ମସ୍‌ଜିଦ୍‌ରୁ ଭାଇଚାରା ପ୍ରସାରି ଯାଉ । ପୁଣି ମୁଁ ଏହା ଚାହୁଁଛି ଯେ ଏହି ମସ୍‌ଜିଦ୍‌ରୁ ସମସ୍ତ ଲୋକମାନଙ୍କୁ ପ୍ରେମର ନଜାରା ଦେଖିବାକୁ ମିଳୁ । ମୁଁ ଚାହୁଁଛି ଯେ ଏହାର ମୀନାର୍ ଘୃଣାକୁ ପ୍ରସାର କରୁଥିବା ଲୋକମାନଙ୍କୁ ଜବାବ ଦେଉ ।

**ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ**

ତା'ପରେ ଠିକ୍ ୪ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ନିଜର ଭାଷଣ ପ୍ରଦାନ କଲେ । ତଶ୍‌ହୁଦ୍, ତଉଜ୍ ଏବା ତସ୍‌ମିୟା ପାଠ କରିବାପରେ ହଜୁର ଅନଓ୍ୱର ଅ:ବ:ଅ କହିଲେ:

ଏଠାରେ ଉପସ୍ଥିତ ଥିବା ସମସ୍ତ ସମ୍ମାନନୀୟ ଅତିଥିଗଣ ! ଅସ୍‌ସଲାମୁ ଆଲୈକୁମ୍ ଓ୍ୱ ରହ୍‌ମତୁଲ୍ଲାହି ଓ୍ୱ ବର୍‌କାତୁହୁ । ଅଲ୍ଲାଃ ତାଲା ଆପଣମାନଙ୍କୁ ଶାନ୍ତିରେ ରଖନ୍ତୁ ଓ ନିଜ ସୁରକ୍ଷା ବଳୟ ମଧ୍ଧରେ ରଖନ୍ତୁ । ସର୍ବପ୍ରଥମେ ମୁଁ ଏଠାରେ ଉପସ୍ଥିତ ଥିବା ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଜଣାଉଛି ଯେଉଁମାନେ ଆଜି ଯମାତ୍ ଅହେମଦୀୟାର ଏହି ଧାର୍ମିକ ଉତ୍ସବରେ ସାମିଲ ହେବାପାଇଁ ଆସିଛନ୍ତି ଏବଂ ଆମର ଏହି ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବାପାଇଁ ଆସିଛନ୍ତି । ଯେମିତିକି ଆପଣମାନେ ଜାଣିପାରିଲେ ଆମର ଅନେକ ସମ୍ମାନସ୍ୱଦ ଅତିଥି ଭାଷଣ ଦେଉଥିଲେ ଓ ନିଜ ନିଜର ମନୋଭାବକୁ ଅଭିବ୍ୟକ୍ତ କଲେ । କିଛି ଲୋକଙ୍କ କଥାରୁ ଏମିତି ଜଣାପଡୁଥିଲା ଯେ, ଆରମ୍ଭରୁ ସେମାନଙ୍କୁ କିଛିଟା ଶଙ୍କା ଥିଲା ଯେ, ମୁସଲମାନମାନଙ୍କର ଏଠାକୁ ଆସିବା ବୋଧ ହୁଏ କିଛି ସମସ୍ୟାର କାରଣ ହେବ । କିନ୍ତୁ ଧିରେ ଧିରେ ସବୁକିଛି ଠିକ୍ ହୋଇଗଲା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ମସିହ୍ ସମ୍ବନ୍ଧରେ ଗୋଟିଏ କଥା ସମସ୍ତଙ୍କୁ ମନେ ରଖିବା ଉଚିତ ଯେ, ଅଣମୁସଲମାନମାନଙ୍କ ମଧ୍ଧରେ ଗୋଟିଏ ବହତୁ ବଡ଼ ଭୁଲ୍ ଧାରଣା ରହିଛି ଯେ, ମସିହ ବୋଧ ହୁଏ ବିଭ୍ରାଟ ସୃଷ୍ଟି କରିବାର ସ୍ଥାନ, ଯେବେକି ଏପରି କିଛି ନୁହେଁ । କିଛି ସମ୍ମାନନୀୟ ଅତିଥିଗଣ ଏକଥାକୁ ମଧ୍ଧ ପ୍ରକାଶ କରିଛନ୍ତି ଯେ, ମସ୍‌ଜିଦ୍ ତ ହେଉଛି ଏକ ଉପାସନା ପୀଠ, ମସ୍‌ଜିଦ୍ ଏପରି ଏକ ସ୍ଥାନ ଯେଉଁଠି ମୁସଲମାନମାନେ ଏକତ୍ରିତ ହୋଇ ଏକ ଈଶ୍ୱରଙ୍କୁ ଉପାସନା କରିବେ । ଏବଂ ପ୍ରତ୍ୟେକ ଧର୍ମରେ ସେମାନଙ୍କ ପାଇଁ ଗୋଟିଏ ଉପାସନା ପୀଠ ରହିଛି । ତେଣୁ ଯେତେବେଳେ ମକ୍କାରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦାବି କରିବା ପରେ ମକ୍କାର କୁଫାର୍ (ଅବିଶ୍ୱାସୀଗଣ) ଆପଣ ସ:ଆ:ସଙ୍କ ଉପରେ ଅତ୍ୟାଚାର ଆରମ୍ଭ କରିଦେଲେ ଓ ଆପଣ ସ:ଆ:ସଙ୍କ ଅନୁଗାମୀମାନଙ୍କ ଉପରେ ଦଣ୍ଡ ଦେବା ଆରମ୍ଭ କରିଦେଲେ ଏବଂ ତେରବର୍ଷ ପର୍ଯ୍ୟନ୍ତ ଏପରି ଅତ୍ୟାଚାରମୂଳକ ବ୍ୟବହାର କଲେ ଯେ, ଯାହାକୁ ଦେଖି ରୁମ୍ ଟାଙ୍କୁରି ଉଠୁଛି । କେତେକ ଲୋକଙ୍କୁ ଗରମ ପଥର ଉପରେ ଶୁଆଇ ଦିଆଗଲା, କେତେକ ଲୋକଙ୍କୁ କୋଇଲା ଉପରେ ଲଟକାଇ ଦିଆଗଲା, କିଛି ଲୋକଙ୍କୁ ଗରମ ବାଲୁକା ଉପରେ ଘୋଷଡ଼ା ଗଲା, ଅନେକ ଲୋକଙ୍କୁ, ମହିଳାମାନଙ୍କୁ ଏବଂ ପୁରୁଷମାନଙ୍କୁ କନ୍ତ ମାରି ଶହୀଦ କରିଦିଆଗଲା ଓ ତା'ପରେ ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଏବଂ ମକ୍କାର ମୁସଲମାନମାନେ ମଦିନାକୁ ହିଜ୍‌ରତ୍ କରି ଚାଲିଗଲେ ଓ ସେଠାରେ ଶାନ୍ତି ଅନେଷ୍ୱଣ କଲେ ଏବଂ ସେଠିକାର ସ୍ଥାନୀୟ ଲୋକମାନଙ୍କ ସହିତ ଇହୁଦୀ ଏବଂ ଅନ୍ୟ ସମ୍ପ୍ରଦାୟର ଲୋକମାନଙ୍କ ସହିତ ଶାନ୍ତିରେ ବସବାସ କରିବାପାଇଁ ଚୁକ୍ତି କଲେ । ସେତେବେଳେ ସେଠାରେ ଯାଇ ମକ୍କାର ଅବିଶ୍ୱାସୀମାନେ ଆକ୍ରମଣ କରି ମୁସଲମାନମାନଙ୍କ ଶାନ୍ତିକୁ କ୍ଷୁର୍ଣ୍ଣ କରିବାପାଇଁ ଚେଷ୍ଟା କଲେ । ସେତେବେଳେ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian
ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.6 Thursday 11 Feb 2021 Issue No. 06

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ANNUAL SUBSCRIPTION:Rs.500/- (Per Issue:Rs.9/-) (WEIGHT - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

**୧୧ ଅକ୍ଟୋବର ୨୦୧୯ (ଶୁକ୍ରବାର)**

ହଜୁର ଅନଓ୍ୱର ଅ:ବ:ଅ ପ୍ରତ୍ୟୁଷ ୬:୩୦ ମିନିଟ୍‌ରେ ମସ୍‌ଜିଦ୍ ମେହେଦୀ (Hurtigheim) ଠାରେ ପଦାର୍ପଣ କରି ଫଜର ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର ଅନଓ୍ୱର ଅ:ବ:ଅ ବିଭିନ୍ନ ଦଫ୍‌ତରୀ କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ । ଆଜି ପବିତ୍ର ଜୁମା ଥିଲା । ଏହି ପବିତ୍ର ଯୁମା ପାଳନ ସହିତ ମସ୍‌ଜିଦ୍ ମେହେଦୀର ଉଦ୍‌ଘାଟନ ମଧ୍ୟ ହେଲା । ଫ୍ରାନ୍ସର ବିଭିନ୍ନ ଯମାତ୍‌ରୁ ଯମାତ୍‌ର ସଦସ୍ୟମାନଙ୍କ ସକାଳୁ ମସ୍‌ଜିଦ୍ ମେହେଦୀଠାରେ ଆସି ଏକତ୍ରିତ ହେବାକୁ ଲାଗିଥିଲେ । ପ୍ରତ୍ୟେକ ଏ ଆଶ ରଖିଥିଲେ କି ସେମାନେ କିପରି ନିଜ ପ୍ରିୟ ଆକାଙ୍କ ପଛରେ ଯୁମା ନମାଜ ପାଠ କରିବେ ଏବଂ ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇପାରିବେ ।

**ମସ୍‌ଜିଦ୍ ମେହେଦୀର ଉଦ୍‌ଘାଟନ୍**

ନମାଜ ଯୁମା ପରେ ଜର୍ମାନୀ, ସୁଇଜରଲ୍ୟାଣ୍ଡ, ବେଲ୍‌ଜିୟମ୍, ପର୍ତୁଗାଲ୍, ୟୁ.କେ ଟ୍ୟୁନିସ୍, ମରାକିଶ, ଅଲ୍‌ଜେରିଆ, ଘାନା, ସିନିଗାଲ୍, ମରିଶସ୍, ମାଲି, କମ୍‌ରୋଜ୍ ଉପଦ୍ୱୀପ, ତୁର୍କୀ, ଗିନିବସାଓ ଏବଂ ଭିଏତ୍‌ନାମ ଦେଶ ସହିତ ସମ୍ପର୍କ ରଖିଥିବା ସଦସ୍ୟମାନେ ଉପସ୍ଥିତ ଥିଲେ । ପ୍ରୋଗ୍ରାମ, ମୁତାବକ୍ ଠିକ୍ ୨ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ପଦାର୍ପଣ କଲେ ଏବଂ ମସ୍‌ଜିଦ୍‌ର ବାହ୍ୟ କାନ୍ଥରେ ଲଗାଯାଇଥିବା ଫଳକକୁ ଉନ୍ମୋଚନ କଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ଭିତରକୁ ପ୍ରବେଶ କରି ଖୁତ୍‌ବା ଯୁମା ପ୍ରଦାନ କଲେ । ଯୁମା ନମାଜ ସହିତ ନମାଜ ଅସ୍‌ର୍‌କୁ ମଧ୍ୟ ଯମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ପ୍ରେସ୍ କନ୍‌ଫେରେନ୍ସ**

ପ୍ରୋଗ୍ରାମ ମୁତାବକ ଉପରବେଳା ଠିକ୍ ୪ଟା ସମୟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଦଫ୍‌ତର୍ ଭିତରେ ପଦାର୍ପଣ କଲେ ଯେଉଁଠି ପ୍ରେସ୍ କନ୍‌ଫେରନ୍ସ ଅନୁଷ୍ଠିତ ହେଲା । DNA ହେଉଛି ଏଠିକାର ଏକ ସ୍ଥାନିୟ ଖବର କାଗଜ ଏବଂ ଏ ପ୍ରଦେଶର ସବୁଠାରୁ ବଡ଼ ଖବରକାଗଜ । ଏହା ଦୈନିକ ପ୍ରକାଶନ ହେଉଛି ଏକ ଲକ୍ଷ ପଚାଶ ହଜାର । ଏହି ଖବର କାଗଜର ପ୍ରତିନିଧି ଜର୍ନାଲିଷ୍ଟ ଆସିଥିଲେ । ସେହିପରି ଏଠିକାର ସ୍ଥାନୀୟ ରେଡ଼ିଓ France Bleu ର ପ୍ରତିନିଧି ଜର୍ନାଲିଷ୍ଟ ମଧ୍ୟ ଉପସ୍ଥିତ ଥିଲେ । ସେ ଏଠିକାର ସ୍ଥାନୀୟ ସ୍ତରରେ ସମସ୍ତ ଇନ୍‌ଫର୍‌ମେଶନ୍ (ଖବର) ପ୍ରସାରଣ କରୁଛନ୍ତି । ଏହି ରେଡ଼ିଓକୁ ଏଠାରେ ବହୁଳ ଭାବରେ ଶୁଣାଯାଏ ।

Radio France Bleu ର ଜର୍ନାଲିଷ୍ଟ * ପଚାରିଲେ ଯେ ଏହି ସ୍ଥାନୀୟ ମସ୍‌ଜିଦ୍ ନିର୍ମାଣ ପାଇଁ ନିଷ୍ପତି ନିଆଯାଇଅଛି ଯେବେକି ଏଠାରେ ଏତେ ଲୋକସଂଖ୍ୟା ନାହାନ୍ତି । ଏହାର କାରଣ କଣ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: କଥା ହେଉଛି ଏହା କି ଏଠାରେ ଆମ ଯମାତ୍‌ର ଲୋକମାନେ ବିଭିନ୍ନ ସ୍ଥାନରେ ଯାଗା ଖୋଜୁଥିଲେ କିନ୍ତୁ ଏଥିରେ ତାଙ୍କୁ ସଫଳତା ମିଳୁନଥିଲା । ତେଣୁ ଏଠାକୁ Outskritକୁ ବାହାରିଲେ ଏବଂ ଏହି ସ୍ଥାନକୁ ଖରିଦ୍ କଲେ । ଏହାର ଗୋଟିଏ କାରଣ ହେଉଛି ଏହା କି ଆମର ସାଧନ ବହୁତ ସିମୀତ । ଆମେ କୌଣସି Oil Rich Country ର ସାହାଯ୍ୟ ନେଇ ପ୍ରୋଜେକ୍ଟସ ତିଆରି କରିନଥାଉ । ଆମେ ତ ଆମ ଯମାତ୍‌ର ସଦସ୍ୟମାନଙ୍କଠାରୁ ଚାନ୍ଦା ନେଇ ଏହି କାର୍ଯ୍ୟ କରିଥାଉଁ । ତେଣୁ ନିଜ ସାଧନ ମଧ୍ୟରେ ରହି ଆମକୁ ଏପରି ଏକ ଭଲ ସ୍ଥାନ ମିଳିଗଲା ତେଣୁ ଆମେ ଏହି ସ୍ଥାନକୁ କିଣିନେଲୁ ।

ଦ୍ୱିତୀୟ କାରଣ ହେଉଛି ଏହା କି ଆଜିକାଲି ଲୋକମାନଙ୍କ ନିକଟରେ ବହୁତ ସାଧନ ରହିଛି, ଟ୍ରାନ୍ସପୋର୍ଟ ରହିଛି, ମୋଟର କାର ଅଛି । ମୁଁ ଏହା ଦେଖିଛି ଯେ ଏ ସ୍ଥାନ ଦେଇ ବସ୍ ମଧ୍ୟ ଯାତାୟାତ କରୁଛି । ତେଣୁ ଲୋକମାନେ ବହୁତ ସୁବିଧାରେ ଏଠାକୁ ଆସି ପାରିବେ । କିନ୍ତୁ ଯେତେବେଳେ ଆମେ ଲଣ୍ଡନ ମସ୍‌ଜିଦ୍ ତିଆରି କରିଥିଲୁ ସେତେବେଳେ ତ ତାହା ଏକ ନିପଟ ଜଙ୍ଗଲି ଇଲାକା ଥିଲା । ଲଣ୍ଡନରୁ ବହୁତ ବାହାର ଇଲାକାରେ ଥିଲା । ଆଠ ଦଶ ମାଇଲ୍ ଦୂରରେ ରହିଛି ତେଣୁ ଲୋକମାନେ ଆସିପାରିବେ ନାହିଁ । ସେ ସମୟରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଦ୍ୱିତୀୟ ର:ଅ ଏହା କହିଥିଲେ ଯେ ଲଣ୍ଡନ ସେଠାରେ ପହଂଚିଯିବ । ତେଣୁ ଆମର ମଧ୍ୟ ଏ ଆଶା ଯେ ଷ୍ଟ୍ରାସ୍‌ବର୍ଗ ଏଠାରେ ପହଂଚିଯିବ ।

ଏକଥା ୧୯୨୪ ମସିହାର କଥା । ସେତେବେଳେ ତ ଏତେ ସାଧନ ହିଁ ନଥିଲା ଏବଂ ଲଣ୍ଡନର ହାତଗଣତି ଜଣେ ଅଧେ ଅହେମଦୀ ଥିଲେ । ଏଠାରେ ତ ଏବେ ଅଲ୍ଲାହ୍‌ଙ୍କ କୃପାରୁ କେତେ ଶହ ଅହେମଦୀ ଅଛନ୍ତି ଓ ସାଧନ ମଧ୍ୟ ଅଛି । ତେଣୁ ଆମକୁ ଆଗକୁ ଭଲ ଆଶା ରଖିବା ଉଚିତ । ଯେଉଁଠି ସେତେବେଳେ ମସ୍‌ଜିଦ୍ ନିର୍ମାଣ କରାଯାଉଥିଲା ତାହା ଏବେ ଲଣ୍ଡନର ଅଂଶବିଶେଷ ।

ସେହି ଜର୍ନାଲିଷ୍ଟ ଜଣକ ପ୍ରଶ୍ନ କଲେ ଯେ ଆଖପାଖରେ ରହୁଥିବା ପଡ଼ୋଶୀମାନଙ୍କ ସହିତ ଆପଣମାନଙ୍କର ସମ୍ପର୍କ କିପରି ରହିବ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ପଡ଼ୋଶୀମାନଙ୍କ ସମ୍ବନ୍ଧରେ ଆମର ଶିକ୍ଷା ବହୁତ ସ୍ପଷ୍ଟ ଓ ମୋର ଏ ଆଶ ଯେ ଏଠିକାର ଅହେମଦୀମାନେ ଏହି ଶିକ୍ଷା ମୁତାବକ ପରିଚାଳିତ ହେବେ । ଇସ୍‌ଲାମୀୟ ଶିକ୍ଷାରେ ପଡ଼ୋଶୀମାନଙ୍କୁ ବହୁତ ଗୁରୁତ୍ୱ ଦିଆଯାଇଅଛି । ହଜ୍‌ରତ୍ ମୁହମ୍ମଦ ସ:ଆ:ସ କହିଛନ୍ତି ଯେ ଅଲ୍ଲାଃ ତାଲା ପଡ଼ୋଶୀମାନଙ୍କ ସହିତ ସଦ୍‌ବ୍ୟବହାର ଓ ସେମାନଙ୍କ ଅଧିକାର ବିଷୟରେ ଏତେମାତ୍ରାରେ ତାଗିଦ୍ କରିଛନ୍ତି ଯେ ମୁଁ ଭାବିଲି କି କାଳେ ସେମାନଙ୍କୁ ୱିରାସତ୍ (ଅର୍ଥାତ ସମ୍ପତି ଭାଗ)ରରେ ମଧ୍ୟ ଭାଗିଦାରୀ କରିନଦିଆଯାଉ ।

ସେହି ଜର୍ନାଲିଷ୍ଟ ଜଣକ ଶୁଣି ଏ ପ୍ରଶ୍ନ ପଚାରିଲେ ଯେ ଏଠାରେ ଆଖ ପାଖରେ ଥିବା ଅନ୍ୟ ମସ୍‌ଜିଦ୍ ସହିତ ସମ୍ପର୍କ କିପରି ରହିଛି ? ଠିକ୍ ଅଛି ବା ନାହିଁ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ଆମେ ତ ଏହା ଚାହୁଁଛୁ ଯେ ସବୁକିଛି ଠିକ୍ ରହୁ । ଆମେ ତ ମୁସଲମାନମାନଙ୍କୁ ଏବଂ ଇସାଇମାନଙ୍କୁ ମଧ୍ୟ ଖୋଲା ଖୋଲିଭାବେ ଆମନ୍ତ୍ରଣ କରୁଅଛୁ ଯେ ଆସ ଓ ଆମ ସହିତ ବସ । ମସ୍‌ଜିଦ୍‌କୁ ମଧ୍ୟ ଆସନ୍ତୁ, ଭାବର ଆଦାନପ୍ରଦାନ କରନ୍ତୁ, ବାର୍ତାଳାପ କରନ୍ତୁ ଓ ଆମେ ଆପୋଷରେ ମିଶି ଇଂଟରଫେଥ୍ ପ୍ରୋଗ୍ରାମ କରିବା । ଆମ ତରଫରୁ କୌଣସି ପ୍ରକାରର ପ୍ରତିବନ୍ଧକ ନାହିଁ । କିନ୍ତୁ କେତେକ ଓ୍ୱଲେମା ଓ ମୌଲବୀଗଣ ବିରକ୍ତି ହୋଇଯାଉଛନ୍ତି । ସେମାନେ ବେଳେବେଳେ ମନାକରି ଦେଉଛନ୍ତି । କିନ୍ତୁ ବହୁତ ଭଦ୍ର ଲୋକ ଅଛନ୍ତି, ସେମାନେ ଆସୁଛନ୍ତି । ପ୍ୟାରିସ୍‌ଠାରେ ମୁସ୍‌ଲିମ୍ କାଉଁସିଲ୍‌ର ନାଏବ୍ ସଦର ସାକ୍ଷାତ କରିବାକୁ ଆସିଥିଲେ । ଆମେ ତ ସମସ୍ତଙ୍କ ପାଇଁ ଦ୍ୱାର ଖୋଲା ରଖିଛୁ ।

ତାଙ୍କ ପରେ DNA ଖବର କାଗଜର ମହିଳା ଜର୍ନାଲିଷ୍ଟ ପଚାରିଲେ ଯେ ଇଂଟିଗ୍ରେସନ୍ ବାବଦରେ ଆପଣଙ୍କ ମତ କଣ ? ଆମର ଜ୍ଞାନ ମୁତାବକ ଆମେ ଜାଣିଛୁ ଯେ ଦୁଇ ପ୍ରକାରର ମସ୍‌ଜିଦ୍ ରହିଛି, ଗୋଟିଏ ହେଉଛି ଉପାସନା କରିବା ପାଇଁ ଓ ଦ୍ୱିତୀୟ ପ୍ରକାରର ମସ୍‌ଜିଦ୍ ହେଉଛି ସଂସ୍କୃତିକୁ ପ୍ରୋତ୍ସାହିତ କରିବାପାଇଁ ଉଦ୍ଦିଷ୍ଟ । ଆପଣମାନେ କେଉଁ ପ୍ରକାରର କାମ କରିବେ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ମସ୍‌ଜିଦ୍‌ର ମୂଖ୍ୟ ହଲ୍‌ଟି କେବଳ ଉପାସନା କରିବାଲାଗି ଉଦ୍ଦିଷ୍ଟ । ଏଠାରେ କେବଳ ଉପାସନା ହିଁ କରାଯାଏ । ସେଥିଯୋଗୁଁ ଆମେ ତା ସହିତ ଗୋଟିଏ ମଲ୍ଟିପ୍ରପୋଜ୍ (Multi Purpose) ହଲ୍ ନିର୍ମାଣ କରିଥାଉଁ । ତାହାର ଉଦ୍ଦେଶ୍ୟ କେବଳ ଏତିକି ଯେ ଆମର ଅନ୍ୟାନ୍ୟ ପ୍ରୋଗ୍ରାମ ମଧ୍ୟ ଅନୁଷ୍ଠିତ ହୋଇଥାଏ ଯାହା ମସ୍‌ଜିଦ୍‌ରେ କରାଯାଇପାରିବ ନାହିଁ । ଉଦାହରଣ ସ୍ୱରୂପ ଖାଇବା ପିଇବା ପ୍ରୋଗ୍ରାମ ଏହା ମସ୍‌ଜିଦ୍‌ର ହଲ୍ ଭିତରେ ହୋଇପାରିବ ନାହିଁ । ମସ୍‌ଜିଦ୍‌ର ତ ଏକ ପବିତ୍ରତା/ମର୍ଯ୍ୟାଦା ରହିଛି । ତାହାର ଖିଆଲ୍ ରଖିବା ଉଚିତ । ଅଲ୍ଲାଃ ତାଲା ମସ୍‌ଜିଦ୍‌ର ଯେଉଁ ଉଦ୍ଦେଶ୍ୟ ରଖିଛଇ ତାହା ହେଉଛି ଉପାସନା କରିବା । ମସ୍‌ଜିଦ୍‌ର ଉଦ୍ଦେଶ୍ୟ ହେଉଛି ସେଠାରେ ଏକ ଈଶ୍ୱରଙ୍କୁ ଉପାସନା କରାଯାଉ । ସେ ଯେ କୌଣସି ଧର୍ମର ହୋଇଥାଉ ନା କାହିଁକି । ହଜ୍‌ରତ୍ ମୁହମ୍ମଦ ସ:ଆ:ସ ନଜ୍‌ରାନ୍‌ର ଇସାଇମାନଙ୍କୁ ମସ୍‌ଜିଦ୍ ନବୱିଠାରେ ନିଜ ଶୈଳୀରେ ଉପାସନା କରିବାପାଇଁ ଅନୁମତି ଦେଉଥିଲେ କାରଣ ଏକ ଈଶ୍ୱରଙ୍କ ଉପାସନା କରିବାପାଇଁ । ଅତଏବ୍ ଆମ ମସ୍‌ଜିଦ୍ ସମସ୍ତଙ୍କ ପାଇଁ ଖୋଲା ଯିଏ ପାଇଲେ ସିଏ ଆସିପାରନ୍ତି ।

ସେହି ମହିଳା ଜଣକ ପ୍ରଶ୍ନ କଲେ ଯେ ଏ ଇଲାକାରେ ଆପଣମାନଙ୍କର କେତେ ବଡ଼ ଯମାତ ଅଛି ? ଏଥିରେ ହଜୁର କହିଲେ ଯେ ଫ୍ରାନ୍ସରେ ଅହେମଦୀମାନଙ୍କର ସଂଖ୍ୟା ବହୁତ କମ୍ । ଏହି ଦୃଷ୍ଟିରୁ ଏଠାରେ ଏକ Reasonable Community ଅଛି ।

ସେହି ମହିଳା ଜର୍ନାଲିଷ୍ଟ ଜଣକ ପୁଣି ପଚାରିଲେ ଯେ କଣ ଏହି ଜମିରେ ଆପଣମାନେ ଆଉ କିଛି ମସ୍‌ଜିଦ୍ ନିର୍ମାଣ କରିବାର ଯୋଜନା କରିଛନ୍ତି କି ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଆମ ପ୍ରୋଜେକ୍ଟ (ଯୋଜନା) ଅହେମଦୀମାନଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି ତିଆରି ହୋଇଥାଏ । ଏବେ ତ ଏଠିକାର ଅହେମଦୀମାନଙ୍କ ସଂଖ୍ୟା ମୁତାବକ ଏହି ଗୋଟିଏ ମସ୍‌ଜିଦ୍ ହିଁ ଯଥେଷ୍ଟ । କିନ୍ତୁ ଆଜି ମଧ୍ୟ ମୁଁ ଏମାନଙ୍କୁ ଆଉ ଏକ ମସ୍‌ଜିଦ୍ ନିର୍ମାଣ କରିବାପାଇଁ କହିଛି । ଏବେ ଦେଖନ୍ତୁ କେଉଁଠାରେ ଏହାର ଆବଶ୍ୟକ ରହିଛି । ଯେଉଁଠି ଅଧିକ ଲୋକ ଥିବେ । ଏହା ଦ୍ୱାରା ସେମାନଙ୍କୁ ତାଙ୍କ ଇଲାକାରେ ଗୋଟିଏ ମର୍କଜ ମିଳିଯିବ, ଯେଉଁଠି ସେମାନେ ଏକାଠି ହୋଇ ନମାଜ ପଢ଼ିପାରିବେ ଏବଂ ଅନ୍ୟାନ୍ୟ ପ୍ରୋଗ୍ରାମ ମଧ୍ୟ କରିପାରିବେ । ଆମେ ଦେଖିବୁ ଯେ ଯେଉଁ ଇଲାକାରେ ଯମାତ୍‌ର ସଦସ୍ୟମାନଙ୍କର ସଂଖ୍ୟା ଅଧିକ, ସେଠାରେ ବନାଇବୁ । ତାହା ଏହି

*ଅବଶିଷ୍ଟାଂଶ ପୃଷ୍ଠା- ୦୯ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan